ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୦୦ ● ୨୯ ନଭେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର
● Vol -31 ● Issue-300 ● 29th November 2024, Friday ● Bhubaneswar
Licensed to post without pre-payment of postage No- BN-60/25-27

## ମହିଳାଜନିତ ମାମଲାରେ ଶୂନ୍ୟ ସହନଶୀଳତା ନୀତି

# ତ୍ୱରିତ ବିଚାର ପାଇଁ ୪ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୮।୧୧

ନ୍ୟୁଜ୍ ବ୍ୟୁରୋ



ରାଜ୍ୟରେ ନାବାଳିକା ଓ ମହିଳାମାନେ ଅସୁରକ୍ଷିତ ବୋଲି ଅଭିଯୋଗ ଦର୍ଶାଇ ବିରୋଧୀ ଦଳ ପକ୍ଷରୁ ଗୁରୁବାର ବିଧାନସଭାରେ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ଉପରେ ବିରୋଧୀ ଦଳରୁ ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଗଣେଶ୍ୱର ବେହେରା, ରାମଚନ୍ଦ୍ର କାଡ଼ାମ, ସୋଫିଆ ଫିର୍ଦୋଷ ପ୍ରମୁଖ ଭାଗ ନେଇ ରାଜ୍ୟ ସରକାର ଆଇନ ଶୃଙ୍ଖଳା ରକ୍ଷା ଏବଂ ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ ଜରିଆରେ ଗୌରୀ ଶଙ୍କର ମାଝୀ, ସନାତନ ବିଜୁଳି, ଆଶ୍ରିତ ପଟ୍ଟନାୟକ ଭାଗ ନେଇଥିଲେ। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀ ଦଳର ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିବା ସହିତ କହିଥିଲେ ଯେ, ବର୍ତ୍ତମାନର ସରକାର ରାଜ୍ୟରେ ମହିଳା ବିରୋଧୀ ହିଂସା, ଅତ୍ୟାଚାର ଆଦି ସମସ୍ତ ମାମଲାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ମହିଳା ଜନିତ ମାମଲାରେ ସମ୍ପୃକ୍ତ ଅପରାଧି ଯେତେବଡ଼ ଶକ୍ତିଶାଳୀ ହୋଇଥାଆନ୍ତୁ ନା କାହିଁକି, ସେମାନଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପଛାଇବେ ନାହିଁ। ବିରୋଧୀ ଦଳ ଏଠାରେ ଯେଉଁ ଅଭିଯୋଗ ଉଠାଉଛନ୍ତି ତାହା ସମ୍ପୂର୍ଣ୍ଣ ମିଛ *(ପୃଷ୍ଠା ୭ରେ)*

## ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ


# ଉଭୟ ଦଳ ଓ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିବେ


ଭୁବନେଶ୍ୱର, ୨୮।୧୧

ନ୍ୟୁଜ୍ ବ୍ୟୁରୋ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏନେଇ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଭୁବନେଶ୍ୱର ଠାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ସାମିଲ ହେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ଅପରାହ୍ନ ୪ଟା ୨୫ରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀଙ୍କ ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସମଗ୍ର ରାଜଧାନୀ ଅଞ୍ଚଳକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ବିମାନବନ୍ଦର ଠାରୁ ରାଜଭବନ, ସଚିବାଳୟ ମାର୍ଗ, ପିଏମ୍‌ଜି ଛକ, ୧୨୦ ବାଟାଲିୟନ, ଜୟଦେବ ବିହାର ଛକ, *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ନଭେମ୍ବର ୨୦୨୪ ଶୁକ୍ରବାର





# ଆବାସ ଯୋଜନାର ନୂଆ ଗାଇଡଲାଇନ୍: ବାଇକ୍-ଫ୍ରିଜ୍ ଥିଲେ ବି ଘର ମିଳିବ

ଭୁବନେଶ୍ୱର
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ନୂଆ ଗାଇଡଲାଇନ ଆସିଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଦେବାକୁ ପଞ୍ଚାୟତିରାଜ ବିଭାଗ ପ୍ରସ୍ତୁତ କରିଥିବା ନୂଆ ଗାଇଡଲାଇନରେ କେତେକ ନୂଆ ବ୍ୟବସ୍ଥା ଯୋଡ଼ିଛନ୍ତି।




ରାଜ୍ୟ ସରକାର ଆବାସ ଘର ପାଇଁ ଲୋକେ ନିଜ ନିଜ ପାଇଁ ସର୍ଭେ କରିବେ। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯିବ ନାହିଁ । ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯିବ। ହିତାଧିକାରୀ ନିଜେ ଯୋଗ୍ୟ କି ନୁହନ୍ତି ତାହାର ସର୍ଭେ ନିଜେ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ପ୍ରଦାନ କରିଛନ୍ତି।

ବ୍ଲକର କୌଣସି କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅବା ସରପଞ୍ଚଙ୍କ ଜରିଆରେ ଆଉ ଆବାସ ସର୍ଭେ କରାଯିବ ନାହିଁ । ଲୋକେ ଅନଲାଇନ୍‌ରେ ଆପ୍ସ ଖୋଲି ନିଜର ଆବଶ୍ୟକ ତଥ୍ୟ ପୂରଣ କରିବେ। ନିଜେ ନିଜର ସର୍ଭେ କରିବେ। ପୁରୁଣା ଘରର ଫଟୋ ଉଠାଇ ଅପଲୋଡ କରିବେ। ସମସ୍ତ ତଥ୍ୟ ସିଧାସଳଖ ଆବାସ ପ୍ଲସ ପୋର୍ଟାଲକୁ ଚାଲିଯିବ।

ଆସନ୍ତା ଡ଼ିସେମ୍ବର ମାସରେ ପ୍ରତି ଗାଁରେ ଏନେଇ କ୍ୟାମ୍ପ କରାଯିବ। ଲୋକେ ଏହି କର୍ମଶାଳାରେ ଯୋଗ ଦେଇ ସଚେତନ ହେବେ ବୋଲି ପଞ୍ଚାୟତିରାଜ ସୂଚନା ଦେଇଛନ୍ତି।

ଲୋକେ କିଭଳି ନିଜେ ନିଜର ସର୍ଭେ କରିବେ, ତାହା ଶିଖାଇବାକୁ ପଞ୍ଚାୟତସ୍ତରରେ କର୍ମଶାଳା ହେବ। ୧୫ ବା ୧୫ରୁ କମ ସଂଖ୍ୟକ ପଞ୍ଚାୟତ ଥିବା ବ୍ଲକ୍‌ରେ ଡିସେମ୍ବର ୨ ତାରିଖରେ କର୍ମଶାଳା ହେବ। ୧୬ରୁ ୨୫ଟି ପଞ୍ଚାୟତ ଥିବା ବ୍ଲକରେ ୨ ଓ ୩ ତାରିଖରେ କର୍ମଶାଳା ହେବ। ୨୫ରୁ ଅଧିକ ପଞ୍ଚାୟତ ଥିବା ବ୍ଲକ୍‌ରେ ୨, ୩ ଓ ୪ ତାରିଖରେ କର୍ମଶାଳା ହେବ। ସ୍ଥାନୀୟ ଲୋକେ ଯେଭଳି ଏହି ଆବାସ କର୍ମଶାଳା ହେଉଛି ବୋଲି ଜାଣିପାରିବେ, ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ କୁହାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ପୂର୍ବରୁ ବାଇକ୍, ଫ୍ରିଜ ଓ ଲ୍ୟାଣ୍ଡଲାଇନ ଫୋନ ଥିଲେ ଆବାସ ଘର ମିଳିବନି ବୋଲି ନିୟମ ଥିଲା। କିନ୍ତୁ ଏହାକୁ ବଦଳା ଯାଇଛି। ଏ ସବୁ ଥିଲେ ବି ଆବାସ ଘର ଦିଆଯିବ। ପୂର୍ବରୁ ପରିବାରର ମାସିକ ଆୟ ସୀମା ସର୍ବାଧିକ ୧୦ ହଜାର ରହିଥିଲା। ଏହାକୁ ୧୫ ହଜାର କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।

ଏହି ଯୋଜନାରେ ଦିବ୍ୟାଙ୍ଗ ଓ ବିଧବାମାନଙ୍କୁ ଅଗ୍ରାଧିକାର ଦିଆଯିବ। ୨ ମାସ ମଧ୍ୟରେ ଏହାର ରି-ସର୍ଭେ କରାଯିବ। ଏହି ଅବଧି ମଧ୍ୟରେ ଆବେଦନ ଓ ଅନଲାଇନ ମାଧ୍ୟମରେ ସେସବୁର ଯାଞ୍ଚ କରାଯିବ। ଆବାସ ଘର ବଣ୍ଟାରେ ଏଣିକି ରାଜନୈତିକ ହସ୍ତକ୍ଷେପ ହେବ ନାହିଁ । ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଘର ଦେବାରୁ କେହି ଚାହିଁଲେ ବି ଅଟକାଇ ପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ୧୫ ଦିନ ମଧ୍ୟରେ ଶେଷ ହେବ ସୁଭଦ୍ରା ଯାଞ୍ଚ : ଆଜିଠାରୁ ମାଲକାନଗିରିରେ ଆରମ୍ଭ

ଭୁବନେଶ୍ୱର
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଛି । ତେବେ ଆବେଦନ କରିଥିବା ବହୁ ସଂଖ୍ୟକ ମହିଳାଙ୍କ ବ୍ୟାଙ୍କ ଖାତାରେ ଏପର୍ଯ୍ୟନ୍ତ ଟଙ୍କା ପହଞ୍ଚିନାହିଁ।

କେତେକଙ୍କର ଆବେଦନ ସ୍ଥିତି ଅଣ୍ଡର ପ୍ରୋସେସ ଦେଖାଉଥିବାବେଳେ ଅନ୍ୟ କେତେକଙ୍କର କୌଣସି ଜମିଜମା ଅବା ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ମାନଦଣ୍ଡର କୌଣସି ଅଯୋଗ୍ୟ ସ୍ଥିତି ନ ଥିଲେ ମଧ୍ୟ ସେମାନଙ୍କ ଆବେଦନକୁ ରିଜେକ୍ଟ କରାଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି ଆବେଦନକାରୀଙ୍କ ବ୍ୟାଙ୍କ



ଖାତାରେ ଜମା ହୋଇଥିବା ନେଇ ସରକାର ସୂଚନା ଦେଇଥିଲେ ମଧ୍ୟ ବହୁ ସଂଖ୍ୟକ ଅଣ୍ଡର ପ୍ରୋସେସ ଏବଂ ରିଜେକସନ ସ୍ଥିତି ଜାରି ରହିଛି।

ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର କହିଛନ୍ତି, ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାର ଯାଞ୍ଚ ଶେଷ ହେବ।

ଯାଞ୍ଚରେ ରିଜେକସନ ତାଲିକାର ଯାଞ୍ଚ କରାଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ପ୍ରଦାନ କରିଛନ୍ତି । କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାରେ ଅଧିକ ଆବେଦନ ରିଜେକସନ ହୋଇଛି । ଅଧିକ ଆବେଦନ ରିଜେକସନ ହୋଇଥିବା ଅଞ୍ଚଳକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହି ମର୍ମରେ ଶୁକ୍ରବାରଠାରୁ ମାଲକାନଗିରିରେ ଯାଞ୍ଚ ଆରମ୍ଭ ହେବ।

କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାରେ ଅଧିକ ଆବେଦନ ରିଜେକସନ ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଜିଏସ୍‌ଟି ଦ୍ୱିତୀୟ ସଂଶୋଧନ ବିଲ୍ ପାରିତ

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିଧାନସଭାରେ ଓଡ଼ିଶା ଦ୍ରବ୍ୟ ଓ ସେବା କର (ଦ୍ୱିତୀୟ ସଂଶୋଧନ) ବିଲ୍ ୨୦୨୪ ଉପରେ ବିଚାର ଆଲୋଚନା ଏବଂ ଉତ୍ତର ପରେ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବୁଧବାର ଆଗତ ହୋଇଥିବା ଏହି ବିଲ୍ ଉପରେ ଗୁରୁବାର ଗୃହରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ବିରୋଧୀ ଦଳରୁ ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା, ବିଜେପିରୁ ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟିକା ସୋଫିଆ ଫିର୍ଦୋଷ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଲ୍ ଆଲୋଚନାର ଉତ୍ତର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ସଂଘୀୟ ବ୍ୟବସ୍ଥା ଅନୁସାରେ ଜିଏସ୍‌ଟି ବିଲ୍‌ର ସଂଶୋଧନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ଅଣାଯାଇଛି। ପଞ୍ଜାବ, କେରଳ ସମେତ ଦେଶର ଅଧିକାଂଶ ରାଜ୍ୟ ବିଧାନସଭାରେ ଏହି ସଂଶୋଧନ ବିଲ୍ ପାରିତ ହୋଇସାରିଛି। ବିଲ୍‌ର ସଂଶୋଧିତ ବ୍ୟବସ୍ଥା ଅନୁସାରେ ଗରିବ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବିଭିନ୍ନ ସାମଗ୍ରୀ ବିଶେଷକରି ଚୂଡ଼ା, ମୁଢ଼ି ଉପରେ ଜିଏସ୍‌ଟି ଲାଗୁ ହୋଇନାହିଁ। ମାତ୍ର ଏହି ସବୁ ସାମଗ୍ରୀର ପ୍ୟାକେଜିଂ ଓ ଲେବଲିଂ କରାଯାଇ ମଲ୍‌ରେ ବିକ୍ରି ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବିଲ୍‌ଟି ବାଚନିକ ଭୋଟ୍‌ରେ ଗୃହରେ ଅନୁମୋଦନ ଲାଭ କରିଥିଲା।

# ନୂଆବର୍ଷରୁ ଭୁବନେଶ୍ୱରରୁ ୫ ସହରକୁ ବିମାନସେବା



ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ବିମାନଯାତ୍ରୀମାନଙ୍କ ପାଇଁ ଖୁସି ଖବର ଆସିଛି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଖୁବ ଶୀଘ୍ର ନୂଆ ସହର ସହିତ ସଂଯୋଗ ବିସ୍ତାର କରିବାକୁ ଯାଉଛି । ଜାନୁଆରୀ ୨୦୨୫ରେ ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ପକ୍ଷରୁ ଘରୋଇ ବିମାନ ନୂତନ ମାର୍ଗରେ ଉଡାଣ ଆରମ୍ଭ କରାଯିବ।

ବିପିଆଇଏ କର୍ତ୍ତୃପକ୍ଷ ଗୁରୁବାର ଏନେଇ ସୂଚନା ଦେଇଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଜାନୁୟାରୀ ୨୦୨୫ ର ପ୍ରଥମ ସପ୍ତାହରୁ ନୂତନ ରୁଟ୍‌ରେ ବିମାନ ଚଳଚଳ ଆରମ୍ଭ କରିବେ।

ନୂଆବର୍ଷ ଆରମ୍ଭରୁ ଭୁବନେଶ୍ୱର ବିମାନବନ୍ଦରରୁ ୫ ସହରକୁ ବିମାନ ଉଡାଣ କରିବ। ଇନ୍ଦୋର, ଡେରାଡୁନ୍, ଲକ୍ଷ୍ନୌ, ଜୟପୁର ଓ କୋଚିନକୁ ବିମାନ ସେବା ଆରମ୍ଭ ହେବ।

ଏ ନେଇ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ୨୦୨୫ ଜାନୁଆରୀ ୧ ତାରିଖରୁ ସପ୍ତାହକୁ ୪ଦିନ ଇନ୍ଦୋର ଅଭିମୁଖେ ଇଣ୍ଡିଗୋ ବିମାନ ଯାତ୍ରା କରିବ। ଡେରାଡୁନ୍‌କୁ ସପ୍ତାହକୁ ୩ ଦିନ ବିମାନଯାତ୍ରା କରିପାରିବେ ଯାତ୍ରୀ। ସେହିପରି ଜାନୁୟାରୀ ୩ରୁ ଲକ୍ଷ୍ନୌ ଓ ଜୟପୁରକୁ ସପ୍ତାହରେ ୩ ଦିନ ବିମାନ ସେବା ଯୋଗାଇଦିଆଯିବ। ଏହାବ୍ୟତୀତ କୋଚିନକୁ ସପ୍ତାହରେ ୭ଦିନଯାକ ଏୟାରଇଣ୍ଡିଆ ସେବା ଯୋଗାଇବ।

ଏୟାର ଇଣ୍ଡିଆ ଏକ୍ସପ୍ରେସ ଜାନୁଆରୀ ୨ ରୁ କୋଚିନ୍‌କୁ ଦୈନିକ ବିମାନ ସେବା ଆରମ୍ଭ କରିବ। ଇନ୍ଦୋର ଏବଂ ଡେରାଡୁନକୁ ଇଣ୍ଡିଗୋ ବିମାନଗୁଡ଼ିକ ଭୁବନେଶ୍ୱରରୁ ଅପରାହ୍ନ ୩ଟାରୁ ଯାତ୍ରା କରିବ। ଏୟାର ଇଣ୍ଡିଆ ଏକ୍ସପ୍ରେସ ଭୁବନେଶ୍ୱରରୁ ପାଞ୍ଚଟି ନୂତନ ଗନ୍ତବ୍ୟସ୍ଥଳ ସହିତ ଏହାର ନେଟୱାର୍କକୁ ବିସ୍ତାର କରିବାକୁ ଯୋଜନା କରିଛି ।

ବିପିଆଇଏ ଅନୁଯାୟୀ, ଏହା ଜାନୁଆରୀ ୪ରୁ ବେଙ୍ଗାଲୁରୁକୁ ନୂତନ ବିମାନ ଆରମ୍ଭ କରିବାକୁ ଯୋଜନା କରାଯାଇଛି । ଏହି ବିମାନଗୁଡିକ ବିପିଆଇଏରୁ ସକାଳ ୬ଟା ୧୫ରେ ଉଡ଼ାଣ ଆରମ୍ଭ କରି ଏବଂ ମଧ୍ୟରାତ୍ର ୧୨ ଟା ୨୦ରେ ପ୍ରତ୍ୟାବର୍ତ୍ତନ କରିବ।

# ଝାଡ଼ଖଣ୍ଡରେ ନୂଆ ସରକାର ଶପଥ ନେଲେ ହେମନ୍ତ ସୋରେନ

ରାଞ୍ଚି

ନିର୍ବାଚନ ଫଳାଫଳ ଆସିବାର ପାଞ୍ଚ ଦିନ ପରେ ଗୁରୁବାର ଝାଡ଼ଖଣ୍ଡକୁ ମିଳିଛି ନୂଆ ସରକାର। ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର ଝାଡଖଣ୍ଡର ୧୪ଶ ମୁଖ୍ୟମନ୍ତ୍ରୀ ଭାବରେ ହେମନ୍ତ ସୋରେନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ରାଞ୍ଚିର ମୋରହାବାଦୀ ଗ୍ରାଉଣ୍ଡରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ହେମନ୍ତ ସୋରେନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ନିଜ ଚତୁର୍ଥ ଇନିଂସ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମେତ ୬ରୁ ୮ ଜଣ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ଶପଥ ନେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ତାହା ହୋଇ ନଥିଲା। କୌଣସି ମନ୍ତ୍ରୀ ହେମନ୍ତଙ୍କ ସହିତ ଶପଥ ନେଇ ନାହାନ୍ତି। ହେମନ୍ତଙ୍କ ଶପଥ ଗ୍ରହଣ ଉତ୍ସବରେ ତାଙ୍କ ପିତା ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମୁଖ୍ୟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ ମଧ୍ୟ ଉପସ୍ଥିତ ଥିଲେ। ହେମନ୍ତ ସରକାର



ଗଠନ ଅବସରରେ ଇଣ୍ଡିଆ ମେଣ୍ଟର ନେତାମାନେ ପହଞ୍ଚି ଶକ୍ତି ପ୍ରଦର୍ଶନ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ, ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରମୁଖ ଶପଥ ଗ୍ରହଣ ଉତ୍ସବରେ ପହଞ୍ଚିଥିଲେ।

ଉଲ୍ଲେଖଯୋଗ୍ୟ, ଝାଡ଼ଖଣ୍ଡ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ଆବଶ୍ୟକ ମ୍ୟାଜିକ ସଂଖ୍ୟା ହେଉଛି ୪୧। ନିର୍ବାଚନରେ ଜେଏମ୍‌ଏମ୍, କଂଗ୍ରେସ, ଆରଜେଡି ଏବଂ ବାମଦଳ ମେଣ୍ଟ ୮୧ ଆସନରୁ ୫୬ ଆସନ ଜିତିଥିଲା। ୨୩ ନଭେମ୍ବରରେ ନିର୍ବାଚନ ଫଳାଫଳ ଆସିବାର ପରଦିନ ହେମନ୍ତ ସୋରେନ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିଥିଲେ।

# ବିଶିଷ୍ଟ ତବଲା ବାଦକ (ଖତୁ ବଢେଇ)ଙ୍କ ପରଲୋକ



ସମ୍ବଲପୁର ନ୍ୟୁଜ ବ୍ୟୁରୋ

ସୁରେନ୍ଦ୍ର ସାଏଙ୍କ ଜନ୍ମ ଭୂମି ଖଣ୍ଡା ନିବାସୀ ଦୟାସାଗର ରାଉତ (ଖତୁ ବଢେଇ)ଙ୍କ ଝାରସୁଗୁଡା ସଞ୍ଜିବନିରେ ୭୫ବର୍ଷ ବୟସରେ ପରଲୋକ ହେଇଯାଇଛି । ସେ ବାଲ୍ୟକାଳରୁ ତାଙ୍କ ପିତାଙ୍କ ଠାରୁ ତବଲା ବାଦ୍ୟ ଶିକ୍ଷା ଲାଭ କରି ବେଶ୍ ନାମ ରଖିଛନ୍ତି । ତାଙ୍କୁ ସମସ୍ତେ ଖତୁ ବଢେଇ ବୋଲି ଜାଣନ୍ତି, କାରଣ ସେ ବଢେଇ କାମ କରି ବି ଅଞ୍ଚଳରେ ବେସ୍ ଜଣା ଶୁଣା, ୟୁଟୁବ୍‌ରେ 'ଖଣ୍ଡା ଭାଗବତ' ନାମରେ ତାଙ୍କର ଅନେକ ଭାଗବତ ଆସୁଛି । ନିକଟରେ 'ସୁରେନ୍ଦ୍ର ସାଏ ଭାଗବତ'ରେ ତବଲା ବଜାଇ ଭାଗବତ ନନ୍ଦଙ୍କ ଠାରୁ ମାନପତ୍ର ପାଇଥିଲେ। ତାଙ୍କର ବଡପୁଅ ଦୋଳଗୋବିନ୍ଦ ମୁଖାଗ୍ନି ଦେଇଥିଲେ। ତାଙ୍କର ତିନିପୁଅ ଦୁଇ ଝିଅ ଥିବା ବେଳେ ଧର୍ମପତ୍ନୀ ଅର୍ସପି ଏବଂ ପୁତ୍ରବଧୂ ଏବଂ ନାତି ନାତୁଣିମାନେ ଉପସ୍ଥିତ ରହିଥିଲେ । ଶେଷ ଦର୍ଶନ ପାଇଁ ଭାଗବତ ପ୍ରେମୀମାନଙ୍କ ସହ ଅନେକ ଲୋକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶୁକ୍ରବାର (୨୯)ଦଶାହ କାର୍ଯ୍ୟ ଓ ଶନିବାର (୩୦)ଏକଦଶାହ କାର୍ଯ୍ୟ ଥିବା ନେଇ ପରିବାର ପକ୍ଷରୁ ସୂଚନା ଦେଇଛନ୍ତି ।

# ଡିସେମ୍ବର ୬ରୁ ଆରମ୍ଭ ହେବ ସୁବର୍ଣ୍ଣ ଲୋକ ମହୋତ୍ସବ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତୁତି ବୈଠକ। ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଆଞ୍ଜେଲିନା ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଉପଜିଲ୍ଲାପାଳ, ସୋନପୁର, ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ଜିଲ୍ଲାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ଜିଲ୍ଲାର ତହସିଲଦାର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ବୃନ୍ଦ, ଜିଲ୍ଲା ସଂସ୍କୃତି ପରିଷଦ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ, କଳାକାରମାନେ ଉପସ୍ଥିତ ରହି ସେମାନଙ୍କର ମୂଲ୍ୟବାନ ଓ ଉପାଦେୟ ପ୍ରସ୍ତାବ ଓ ମତାମତ ପ୍ରଦାନ କରିଥିଲେ।

ଏହି ପ୍ରସ୍ତୁତି ବୈଠକରେ ଆଗାମୀ ଜାନୁୟାରୀ ୨୦୨୫ ମାସର ୦୬.୦୧.୨୦୨୫ରୁ ୧୦.୦୧.୨୦୨୫ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସ୍ଥିତ ରାମେଶ୍ୱର ପଡିଆରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁବର୍ଣ୍ଣ ଲୋକ ମହୋତ୍ସବ ଅନୁଷ୍ଠିତ କରିବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିରୀକୃତ କରାଗଲା । ଉକ୍ତ ପ୍ରସ୍ତୁତି ବୈଠକରେ ଗତ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୪ର ପାଣ୍ଠି ସଂଗ୍ରହ ଓ ଖର୍ଚ୍ଚର ବିବରଣୀ ସମସ୍ତଙ୍କ ଅବଗତି ନିମନ୍ତେ ପାଠ କରାଯାଇଥିଲା। ସୁବର୍ଣ୍ଣଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ଯେପରି ଅଧିକ ପାଣ୍ଠି ସଂଗ୍ରହ କରାଯାଇପାରିବ ସେଥି ପାଇଁ ବିଶଦ ଭାବେ ଆଲୋଚନା କରାଯାଇଥିଲା। ସୁବର୍ଣ୍ଣଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ସମସ୍ତ କମିଟି ଗଠନ ଓ କମିଟି ଗୁଡ଼ିକର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ଅବସରରେ ସ୍ମରଣିକା ପ୍ରକାଶନ ପାଇଁ ଲେଖକ, କବି ଓ ଜନସାଧାରଣଙ୍କ ଠାରୁ ସୁବର୍ଣ୍ଣପୁର ଜିଲ୍ଲାର ଇତିହାସ, ସଂସ୍କୃତି, କଳା ଓ ପରମ୍ପରା ଉପରେ ପ୍ରବନ୍ଧ, କାହାଣୀ ଓ କବିତାର ଲେଖା ଗୁଡିକ districtculture.subarnapur@gmail.com ଇମେଲ ଠିକଣାରେ ପଠାଇବା ପାଇଁ ଅନୁରୋଧ କରାଗଲା। ସୁବର୍ଣ୍ଣଲୋକ ମହୋତ୍ସବ ୨୦୨୫ ପୂର୍ବରୁ ରିଙ୍ଗ ରୋଡ ସମେତ ସୁବର୍ଣ୍ଣପୁର ସହରର ସମସ୍ତ ରାସ୍ତା ଓ ଛକ ଜାଗା ମାନଙ୍କରେ ଆଲୋକିକରଣ କରିବାର ଆବଶ୍ୟକତା ଅଛି ବୋଲି ବୁଦ୍ଧିଜୀବୀ ତଥା ସାମ୍ବାଦିକ ଦିଲୀପ କୁମାର ପାତ୍ର ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ନିର୍ବାହୀ ଅଧିକାରୀ, ମ୍ୟୁନିସପାଲିଟି, ସୋନପୁରଙ୍କୁ ଆବଶ୍ୟକୀୟ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ଅବସରରେ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପତି ମେଳା ମଧ୍ୟ ପାଞ୍ଚ ଦିନବ୍ୟାପି ଅନୁଷ୍ଠିତ ହେବ । ପ୍ରସ୍ତୁତି ବୈଠକ ଶେଷରେ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର ସମସ୍ତଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦି ସାବରମତୀ ରିପୋର୍ଟ'କୁ କରମୁକ୍ତ କଲେ ରାଜ୍ୟ ସରକାର

ଭୁବନେଶ୍ୱର
ନ୍ୟୁଜ୍ ବ୍ୟୁରୋ

ସାରା ଦେଶରେ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚ୍ଚିତ୍ର 'ଦି ସାବରମତୀ ରିପୋର୍ଟ'କୁ ଓଡ଼ିଶାରେ କରମୁକ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଚଳଚ୍ଚିତ୍ର 'ଦି ସାବରମତୀ ରିପୋର୍ଟ' ସତ୍ୟ ଘଟଣା ଉପରେ ଆଧାରିତ ହୋଇଛି । କିଛି ସ୍ୱାର୍ଥବାଦୀ ବ୍ୟକ୍ତିଙ୍କ ନିଜସ୍ୱ ସ୍ୱାର୍ଥ ପୂରଣ ଏବଂ ଅସ୍ଥିରତା ସୃଷ୍ଟି ପାଇଁ ଗୋଧ୍ରା ଅଗ୍ନିକାଣ୍ଡରେ କିଭଳି ଭାବରେ କରସେବକଙ୍କୁ ଜୀବନ୍ତ ଦଗ୍ଧ କରାଯାଇଥିଲା। ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ର ଅତୀତର ଏଭଳି ଏକ ଲୋମହର୍ଷଣକାରୀ, ହୃଦୟ ବିଦାରକ ସତ୍ୟ ଘଟଣାକୁ ଲୋକଙ୍କ ନିକଟରେ ପହଞ୍ଚାଇବ ଏବଂ ସାଧାରଣ ଜନତା ଅଧିକ ସଚେତନ ହେବେ।

ରାଜ୍ୟ ସରକାର ଦି ସାବରମତୀ ରିପୋର୍ଟକୁ ଓଡ଼ିଶାରେ କରମୁକ୍ତ କରିବା ପରେ ଏହି ଚଳଚ୍ଚିତ୍ର ପ୍ରଯୋଜିକା ତଥା ବାଲାଜୀ ଟେଲିଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଏକତା ଆର କପୁର ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆର ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଦି ସାବରମତୀ ରିପୋର୍ଟକୁ କରମୁକ୍ତ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡ଼ିଶା ସରକାରଙ୍କୁ ଶୁଭେଚ୍ଛା ଜଣାଉଛି। ଆମ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ସତ୍ୟକୁ ଅଧିକ ଲୋକଲୋଚନକୁ ଆଣିବାରେ ଏହା ସମର୍ଥନ ସାହାଯ୍ୟ କରିବ ବୋଲି ଆଶା କରୁଛି । ଗୁରୁବାର ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟ ଦି ସାବରମତୀ ରିପୋର୍ଟ ହିନ୍ଦୀ ଚଳଚ୍ଚିତ୍ରକୁ ରାଜ୍ୟ ସରକାର କରମୁକ୍ତ କରିଥିବା ନେଇ ଘୋଷଣା କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୯।୧୧।୨୦୨୪, ମାର୍ଗଶିର ଦି୧୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୦୩।୫୮** **ଚନ୍ଦ୍ରୋଦୟ- ନିଘ ୫।୦୫।୧୬**

**ତ୍ରୟୋଦଶୀ** - ଦିଘ ୮।୪୦ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର** - ଦିଘ ୧୦।୧୭ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର**- ନିଘ ୬।୦୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ନିଘ ୬।୦୨ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବାଇଗଣ ଦିଘ ୮।୪୦ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୬।୦୮ ଗତେ ଘ ୬।୫୧ ମଧ୍ୟେ । ଦିଘ ୧୧।୫୭ ଗତେ ଘ ୨।୫୧ ମଧ୍ୟେ । **ପର୍ବୋତ୍ସବ** - ଶିବୋପାସ ବେଢ଼ା ପରିକ୍ରମା ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।




**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ। ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।




**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।




**ତୁଳା:** ମନରେ ଅଭିମାନ ଆସିବ। କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।




**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବହୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣର ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତି କର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ। ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୧୧।୨୦୨୪, ମାର୍ଗଶିର ଦି୧୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୦୪।୨୮** **ଚନ୍ଦ୍ରୋଦୟ- ନିଘ ୬।୦୧।୦୨**

**ଚତୁର୍ଦ୍ଦଶୀ** - ଦିଘ ୧୦/୩୧ ପର୍ଯ୍ୟନ୍ତ । **ବିଶାଖାନକ୍ଷତ୍ର** - ଦିଘ ୧୨।୩୪ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର**- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ ଓ ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବିରି ଦିଘ ୧୦।୩୧ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା**- ୭।୩୫ ଗତେ ଘ ୮।୫୧ ମଧ୍ୟେ । ଦିଘ ୨।୧୯ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ** - ନଷ୍ଟଚନ୍ଦ୍ରୋପବାସ, ନିଶାପାଳନ, ଦେବ ଦୀପାବଳି ଆରମ୍ଭ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୫୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି ପିଆଜ

ଗତ କିଛି ଦିନ ଭିତରେ ସାରା ଦେଶରେ ପିଆଜ ମହଙ୍ଗା ହେବାରେ ଲାଗିଛି। ପିଆଜ ଉପରେ କେନ୍ଦ୍ର ସରକାର ଜାରି କରିଥିବା କଟକଣା କୋହଳ ହେବା ଆଶାରେ କିଛି ବ୍ୟବସାୟୀ ପିଆଜକୁ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ମଧ୍ୟ ଅଭିଯୋଗ ରହିଛି। ଭାରତର ସବୁଠୁ ବଡ଼ ପିଆଜ ପାଇକାରୀ ବଜାର ମହାରାଷ୍ଟ୍ରର ଲାସାଲଗାଁ ମଣ୍ଡିରେ ପିଆଜର ପାଇକାରୀ ଦାମ୍ କେଜି ପିଛା ୨୬ ଟଙ୍କାକୁ ବୃଦ୍ଧି ପାଇଛି। ମେ' ୨୫ରେ ଏହି ଦାମ୍ ୧୭ ଟଙ୍କା ଥିଲା। ପିଆଜ ଦାମରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଉନ୍ନତ ମାନର ପିଆଜ କେଜି ଦାମ୍ କେଜି ପିଛା ୩୦ ଟଙ୍କା ରହିଛି। ଚାହିଦା ପୂରଣ କରିବା ଲାଗି ପିଆଜ ଯୋଗାଇ ହେଉନଥିବାରୁ ତାହାର ଦାମ୍ ବଢୁଛି। ଜୁନ୍ ମାସ ପରଠାରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଖରେ ଥିବା ପିଆଜ ବଜାରକୁ ଆସିଯିବା କଥା। ରବି ଋତୁରେ ଉତ୍ପାଦନ କମ୍ ହୋଇଥିବାରୁ ପିଆଜ ଦାମ୍ ବଢ଼ିବ ବୋଲି ଭାବି ଚାଷୀମାନେ ତାହା ବଜାରକୁ ଛାଡୁନାହାନ୍ତି। ଅଳ୍ପ ଦାମରେ ପିଆଜ ବିକିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀ ଲାଗି ସେମାନେ ଅଧିକ ଦାମ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ପିଆଜ ରପ୍ତାନି ଉପରେ ଲଗାଯାଇଥିବା କଟକଣା କୋହଳ କରାଯିବା ପରେ ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ ଓ ଅନ୍ୟାନ୍ୟ ଦେଶକୁ ପିଆଜ ରପ୍ତାନି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ଭିତରେ ପିଆଜ ଅଭାବ ଦେଖାଦେଇଛି। ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ମହାରାଷ୍ଟ୍ରର ନାସିକରୁ ପ୍ରତିଦିନ ୩୦ ଟନ୍ ଲେଖାଏଁ ପିଆଜ ଭର୍ତ୍ତି ହୋଇଥିବା ୧୦୦ କଣ୍ଟେନର ରପ୍ତାନି ହେଉଛି। ଗତମାସରୁ କଟକଣା କୋହଳ ହେବା ପରେ ଅଧିକ ପରିମାଣରେ ପିଆଜ ଦେଶ ବାହାରକୁ ଯାଉଛି। ଦେଶ ଭିତରେ ପିଆଜ ଅଭାବ ଦେଖାଦେବା ପରେ କେନ୍ଦ୍ର ସରକାର ତାହାର ରପ୍ତାନି ଉପରେ ୪୦ ପ୍ରତିଶତ ଟିକସ ଲଗାଇଥିଲେ। ସେଥିପାଇଁ ପିଆଜ ରପ୍ତାନି କମ୍ ରହିଛି। ଅନ୍ୟପକ୍ଷରେ ନିକଟରେ ସାରା ଦେଶରେ ପିଆଜର ଚାହିଦା ବଢ଼ିଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମହାରାଷ୍ଟ୍ର ପିଆଜକୁ ନେଇ ଚାହିଦା ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦ ରପ୍ତାନି ସଂଘର ସଭାପତି ଅଜିତ ଶାହ କହିଛନ୍ତି ଯେ ପିଆଜ ଦର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଚାଷୀ ଓ ବ୍ୟବସାୟୀମାନେ ଷ୍ଟକ୍ ମହଜୁଦ ରଖିଛନ୍ତି। କେନ୍ଦ୍ର ସରକାର ରପ୍ତାନି କଟକଣା କୋହଳ କରିବେ ବୋଲି ସେମାନେ ଆଶା କରୁଛନ୍ତି। ପ୍ରବଳ ଗରମ, ଅଦିନିଆ ବର୍ଷା ଯୋଗୁ ଯୋଗାଣ ପ୍ରଭାବିତ ହୋଇଥିବାରୁ ଗତ ସପ୍ତାହରେ ଟମାଟୋ, ପିଆଜ ଓ ଆଳୁ ଦାମରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୭୮୨୯୮୪୯୪

ଶ୍ରୀମଦ୍ ଭାଗବତ୍ ଗୀତାରେ ଦେବକୀ ନନ୍ଦନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି "ବହୁନାଂ ଜନ୍ମ ନାମନ୍ତେ ଜ୍ଞାନବାନାଂ ପ୍ରପଦ୍ୟନ୍ତେ, ବାସୁ ଦେବ ସର୍ବମତି ସ ମହାତ୍ମା ସୁଦୁର୍ଲ୍ଲଭଚ' ହେ କୁନ୍ତୀପୁତ୍ର ଅର୍ଜୁନ ! ବହୁଜନ୍ମ ପରେ ଏ ଭୂପୃଷ୍ଠରେ ଏପରି ମହାତ୍ମା ଜନ୍ମ ନେଇଥାନ୍ତି, ଯିଏକି ସକଳ ବ୍ରହ୍ମାଣ୍ଡର ପ୍ରତ୍ୟେକ ଘଟଣା ଏବଂ ପ୍ରତ୍ୟେକ ଦୃଶ୍ୟ ଅଦୃଶ୍ୟ ବସ୍ତୁ ସମୂହର ଲୀଳାକୁ ଭଗବାନ ବୋଲି ବିଚାର କରିନେଇଥାନ୍ତି। ଗୀତା ଶାସ୍ତ୍ରର ଉକ୍ତ ଶ୍ଳୋକର ଅର୍ଥ ଏତେ ବ୍ୟାପକ ଯେ ଏହାକୁ ବିଶଦ ଭାବରେ ବ୍ୟାଖ୍ୟା କଲେ ବୋଧହୁଏ ଗୋଟିଏ ବିଶାଳକାୟ ପୁସ୍ତକ ହୋଇଯିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ତେବେ ବିଶ୍ୱଜଗତର ଯାବତୀୟ ଘଟଣା, ଅଘଟଣର ଅଖଣ୍ଡ ପ୍ରବାହ ଭିତରେ ସର୍ବଶକ୍ତିମାନ ପରମେଶ୍ୱର ଜଗନ୍ନାଥ କେତେବେଳେ କେଉଁଠି କେଉଁ ସମୟରେ ତାଙ୍କର ଅପ୍ରାକୃତ ଲୀଳାକୁ ପ୍ରକଟ କରିଛନ୍ତି ତାହାର ତାତ୍ତ୍ୱିକ ସମୀକ୍ଷା ଜଣେ ସାଧାରଣ କୌଣସି ମତେ କହିପାରିବ ନାହିଁ। ମାତ୍ର ଏକଥା ନିଶ୍ଚିତ ସତ୍ୟ ଯେ କରୁଣାର ମହାସିନ୍ଧୁ ବିଶ୍ୱନିୟନ୍ତାଙ୍କର କୃପାବଳରେ ପ୍ରତ୍ୟେକ ଧୂଳି ଧୂସରିତ ମଣିଷ ତାଙ୍କର ସନ୍ତାନ ହୋଇଥିବା ଦୃଷ୍ଟିରୁ ଅନନ୍ତ ସାଗର ମଧ୍ୟସ୍ଥ କ୍ଷୁଦ୍ର ଜଳ ବିନ୍ଦୁ ସଦୃଶ ହେଉ ପଛେ ସେହି ଅମୃତ ଅନୁଭବକୁ ନିଶ୍ଚୟ ବ୍ୟକ୍ତ କରିପାରିବ ମନରେ ଯଦି ତା'ର ଦୃଢତା ରହିଥାଏ। ଏହା ତା'ର ଜନ୍ମଗତ ଅଧିକାର। ଏଥିରୁ ତାକୁ କୌଣସି ଶକ୍ତ ବଞ୍ଚିତ କରି ପାରିବ ନାହିଁ। ଆଜି ସେହି ଦୁର୍ବାର ପ୍ରୟାସକୁ ଜନ୍ମଗତ ଅଧିକାର ଭାବେ ମାନିନେଇ ଜଗନ୍ନାଥଙ୍କ ଲୀଳାକୁ ସାମାନ୍ୟତମ ଅଭିବ୍ୟକ୍ତିରେ ପ୍ରକାଶ କରୁଛି। ଯାହାକି ମୋର ଏହି ସର୍ବୋତ୍ତମ ପ୍ରୟାସ ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ତଲୀଳା ସମ୍ମୁଖରେ ଅତ୍ୟନ୍ତ ନଗଣ୍ୟ, କ୍ଷୁଦ୍ରାତିକ୍ଷୁଦ୍ର ଅଦୃଶ୍ୟ ଅଣୁଟିଏ ସହିତ ସମାନ ହେବ ବୋଲି ଆଶାକରେ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅପାର ନାମାମୃତ ମଧ୍ୟରୁ 'କୁଞ୍ଜବିହାରୀ' ନାମଟି ଏକ ବିଶ୍ୱ ପ୍ରସିଦ୍ଧ ନାମ ଭାବେ ପ୍ରକଟିତ ହୋଇଛି। ଏହି କଳିଙ୍ଗ ଭୂଖଣ୍ଡ ମଧ୍ୟସ୍ଥ "ଗଡକୁଜଙ୍ଗ" ପତିତ ପାବନ ଧାମରୁ କେଉଁ ଅନାଦି କାଳରୁ ସେ ସ୍ମୃତି ହଜିଗଲାଣି ଜନମାନସରୁ। ସଦାପ୍ରତୀକ୍ଷା ରତ ମହାକାଳ ବକ୍ଷରୁ କୋଟି କୋଟି ମଣିଷର ପଦଚିହ୍ନ ନିଶ୍ଚିହ୍ନ ହୋଇ ଗଲାଣି, ସାଗର ବକ୍ଷରୁ, କେତେ ଯେ ତରଙ୍ଗ ଫେରିଗଲାଣି ଅତୀତର ଗର୍ଭକୁ। କିନ୍ତୁ ଇତିହାସର ସେହି କରାଳ ଗର୍ଭକୁ ବିଦାରଣ କରି ଆଜି ହିମାଳୟ ସଦୃଶ ଗଢିଉଠିଛି ଉତ୍କଳ ଭୂପ୍ରଦେଶ ମଧ୍ୟସ୍ଥ କୁଞ୍ଜ ବିହାରୀଙ୍କ ମନ୍ଦିର। ଏହି ଗଡକୁଜଙ୍ଗ ଧାମରେ କଳା, ସଂସ୍କୃତି ଭାସ୍କର୍ଯ୍ୟ, ଅନୁପମ କୀର୍ତ୍ତିରାଜିର ଅପୂର୍ବ ସଙ୍ଗମର ସମନ୍ୱୟରେ ଯେଉଁଠି ମର୍ତ୍ତ୍ୟ ବୈକୁଣ୍ଠ ପରି ଦୃଶ୍ୟମାନ ହୁଏ। ସେହି ଲୀଳାମୟ ପ୍ରଭୁ କୁଞ୍ଜ ବିହାରୀଙ୍କ ପ୍ରତିଟି ଲୀଳା ହିଁ ଏଠାରେ ମହାପ୍ରଭୁ ଜଗନ୍ନାଥଙ୍କ ଲୀଳା ପରିଚୟ। ଗଡକୁଜଙ୍ଗକୁ ପ୍ରଭୁ କିପରି ଆଗମନ କରିଥିଲେ ଏବଂ ତାଙ୍କର ନାମ ପରିବର୍ତ୍ତିତ ପରିସ୍ଥିତିରେ କିପରି ଓ କାହିଁକି କୁଞ୍ଜ ବିହାରୀ ନାମରେ ପରିଣତ ହୋଇଥିଲା ତାହାର ନିମ୍ନରେ ଏକ ଐତିହାସିକ ଉପସ୍ଥାପନା କରିବାକୁ ଯାଉଛୁ। ଏହି ପ୍ରସଙ୍ଗଟି ହେଉଛି ଦ୍ୱିତୀୟ ଶ୍ରୀକ୍ଷେତ୍ର ଗଡକୁଜଙ୍ଗର ଲହୁ ଲୁହ ଭରା ବିଶ୍ୱ ପ୍ରସିଦ୍ଧ ଯାତ୍ରା।

ମଣିଷ ଲେଖେ ଇତିହାସ, ଅତୀତ ଯେତେ ନିର୍ମମ ହେଉ ପଛେ କିନ୍ତୁ ମଣିଷ ଭୟ କରେନି ବାସ୍ତବତାକୁ ପ୍ରକାଶ କରିବାରେ। ଆଜି ସେହି ଇତିହାସକୁ ଧାରାବାହିକ ଭାବେ ଉପସ୍ଥାପନ କରିବାକୁ ଯାଉଛି। ଉତ୍କଳର ଭାଗ୍ୟାକାଶରେ ଯେଉଁ ନରପତିମାନେ ଚିରସ୍ମରଣୀୟ ହୋଇ ରହିଛନ୍ତି ସେମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ନରପତିଭାବେ ନବକୋଟି କର୍ଣ୍ଣାଟ ବୀରାଧିବୀରବର ଶ୍ରୀ କପିଳେନ୍ଦ୍ର ଦେବଙ୍କ ନାମ ଇତିହାସ ପ୍ରସିଦ୍ଧ। ଇଏ ଥିଲେ ଓଡ଼ିଶା ମାଟିର ପ୍ରଥମ ସନ୍ତାନ ଯିଏକି ଭାରତ ଭୂଖଣ୍ଡରେ ସର୍ବାଧିକ ରାଜ୍ୟ ଜୟକରି ଉତ୍କଳକୁ ଏକ ବିଶାଳ ସାମ୍ରାଜ୍ୟରେ ପରିଣତ କରିପାରିଥିଲେ। ଆଜକୁ ବର୍ଷ ବର୍ଷ ଧରି ଓଡ଼ିଶାବାସୀ ଯେଉଁ ସ୍ୱର୍ଣ୍ଣିମ ଅଧ୍ୟାୟକୁ ସ୍ମରଣ କରି ନିଜକୁ ଗୌରବାନ୍ୱିତ ମନେ କରିଥାନ୍ତି ସେହି ସ୍ୱର୍ଦ୍ଧିତ ଆବେଗ ଓ ଦର୍ପିତ ବିଜୟଯାତ୍ରାର ଇତିହାସି ପ୍ରସିଦ୍ଧ କର୍ଣ୍ଣଧାର ହେଉଛନ୍ତି ଗଜପତି କପିଳେନ୍ଦ୍ର ଦେବ। କିନ୍ତୁ ଭାଗ୍ୟର ବିଡମ୍ବନା ୧୪୬୬ ଖ୍ରୀଷ୍ଟାବ୍ଦରେ କୃଷ୍ଣାନଦୀ ତଟରେ କପିଳେନ୍ଦ୍ର ଦେବଙ୍କର ମୃତ୍ୟୁ ହେଲା। ପ୍ରଖ୍ୟାତ ଐତିହାସିକ ଆର୍.ଜି ବାନାର୍ଜୀଙ୍କ ମତରେ ଦୀର୍ଘ ଚାରିଶହ ବର୍ଷଧରି ଉତ୍କଳୀୟ ମାନେ ଯେଉଁ ସମୃଦ୍ଧି, ପ୍ରତିଷ୍ଠାରେ ଆତ୍ମ ବିଭୋର ହେଉଥିଲେ ତାହାର ପତନ ପର୍ବ ଆରମ୍ଭ ହୋଇଗଲା ଦ୍ୱିତୀୟ ଗଜପତି ପ୍ରତାପରୁଦ୍ରଙ୍କ ସମୟ ଠାରୁ। (କ୍ରମଶଃ)

# ଅରି ଫେରି ନାହିଁ - ଯୁଦ୍ଧ ସରିନାହିଁ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

**"ଅରି ଫେରିନାହିଁ, ଯୁଦ୍ଧ ସରି ନାହିଁ
ଆସ ମୋ ଶିବିରେ ଆସ ଭାଇ
ହିମାଚଳ ଶିରେ ଶବଦ ଶୁଭଇ
ଡରନାହିଁ ଆଉ ଡେରି ନାହିଁ ।"**

ଏହି କବିତାଂଶଟି ତାଙ୍କ କ୍ରାନ୍ତିକାରୀ ସାରସ୍ୱତ ସାଧନାର କଥା କହେ । ଏମିତି ରାଶିରାଶି ସଂଗ୍ରାମ କବିତା ଲେଖି ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରାଣରେ ଜଗାଇଥିଲେ ଦୃଢ ଆତ୍ମବଳ, ଆଉ ମୁକ୍ତି ଆନ୍ଦୋଳନରେ ଝାସ ଦେବାପାଇଁ ଭରିଦେଇଥିଲେ ଅଫୁରନ୍ତ ଉତ୍ସାହ ଓ ଉଦ୍ଦୀପନା । ଖାଲି ସେତିକି ନୁହେଁ ଓଡିଶାରେ ବିପ୍ଳବୀ କବିତା ଲେଖି ତିନିଥର କାରାଦଣ୍ଡ ଭୋଗିବା କବିଙ୍କ ମଧ୍ୟରେ ସେ ଥିଲେ ଅଗ୍ରଗଣ୍ୟ । ସେ ହେଉଛନ୍ତ ଜାତୀୟ କବି ବୀରକିଶୋର ଦାସ ।

ବୀରକିଶୋରଙ୍କ ଜନ୍ମ ୧୮୯୬ ମସିହା ନଭେମ୍ବର ୨୩ ତାରିଖ, ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ପୁନଙ୍ଗ ଗ୍ରାମରେ। ଗ୍ରାମ ଚାଟଶାଳୀରୁ ପ୍ରାଥମିକ ଶିକ୍ଷା ପରେ ସେ କଟକର ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇଥିଲେ। ସେଠାରେ ସୌଭାଗ୍ୟକୁ ସେସମୟର ଶିକ୍ଷାବିତ୍ ଭକ୍ତକବି ମଧୁସୂଦନ ରାଓଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ବୀରକିଶୋର। ବଣିଆ ସୁନାକୁ ଚିହ୍ନିଲା ପରି ଭକ୍ତକବି ମଧୁସୂଦନ ବୀରକିଶୋରଙ୍କ ଲୁକ୍କାୟିତା ପ୍ରତିଭା ଅନ୍ୱେଷଣ କରିପାରିଥିଲେ। ଦିନେ ସେ ବୀରକିଶୋରଙ୍କୁ ପାଖକୁ ଡାକି କହିଲେ - ବୀର, ତୁମେ ଦିନେ କବି ହେବ। ଏହି ପଦକ କଥା ବୀରକିଶୋରଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା, ତାଙ୍କୁ କବିତା ଲେଖିବାକୁ ଅନୁପ୍ରାଣିତ କରିଥିଲା।ପ୍ରଥମେ ସେ ଗୋଟିଏ ଇଂରାଜୀ କବିତାକୁ ଓଡ଼ିଆରେ ଅନୁବାଦ କରିଥିଲେ। ଅନୁବାଦଟି ଥିଲା - "ଟୋପି ଟୋପି ପାଣି ମିଶି ସାଗର, ଟିକି ଟିକି ବାଲି ମିଶି ଭୂଧର ।"ଆଉ ତା ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ।

୧୯୨୧ ମସିହାରେ ମହାତ୍ମା ଗାନ୍ଧିଙ୍କ ଡାକରାରେ ଆରମ୍ଭ ହୋଇଥାଏ ଅସହଯୋଗ ଆନ୍ଦୋଳନ। ବୀରକିଶୋର ଇଂରେଜ ସରକାରଙ୍କ ଅଧୀନରେ କରିଥିବା ଚାକିରିକୁ ପଛରେ ପକାଇ ଏହି ସଂଗ୍ରାମରେ ଝାସ ଦେଲେ। ଏହି ସମୟରେ ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା ଅନେକ ସଂଗ୍ରାମୀ କବିତା, ଯାହା ଚରମ ତ୍ୟାଗ ମନୋଭାବ ସଂଗ୍ରାମୀମାନଙ୍କ ମନରେ ଭରିଦେବା ପାଇଁ ସେ ଲେଖିଥିଲେ -

"ଭାଇ, ମରିବା ତ ଦିନେ ମରିବା
ଛେଳି ମେଣ୍ଢାପରି ପାଞ୍ଚଣକୁ ଡରି
(ଏଠି )ଘୁଷୁରି ପରି କେ ଚରିବା
ମରିବା ତ ଦିନେ ମରିବା ।"

ତାଙ୍କ ରଚିତ କବିତା ପୁସ୍ତକ ମୋହନ ବଂଶୀ, ବିଦ୍ରୋହୀ ବୀଣା, ମୋହନ ବେଣୁ,ରଣଭେରୀ ଆଦି ପୁସ୍ତକ କେବଳ ସ୍ୱଦେଶ ପ୍ରେମର ବାର୍ତ୍ତା ପ୍ରଚାର କରିନଥିଲା ବରଂ ଆଜିବି ଆମ ମାତୃଭାଷାକୁ ଋଦ୍ଧିମନ୍ତ କରିଛି। ଚରମ ତ୍ୟାଗ ଓ କଷଣ ଭିତରେ ସେ ଏସବୁ ଜାତୀୟ କବିତା ରଚନା କରିଥିଲେ । ଯାହା ଫଳସ୍ୱରୂପ ସେ ହୋଇପାରିଥିଲେ ଏ ମାଟିର ଜାତୀୟ କବି।

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। କିନ୍ତୁ ସଂଗ୍ରାମୀ ବୀରକିଶୋରଙ୍କ ସଂଗ୍ରାମ ସରିଲା ନାହିଁ। କେବଳ ଦେଶ ଓ ଜାତିକୁ ଉଦବୋଧନ ଦେବା ପାଇଁ ସେ ଖାଲି କଲମ ଧରିନଥିଲେ। ସେ ମର୍ମେ ମର୍ମେ ଅନୁଭବ କରିପାରିଥିଲେ ଶିଶୁମାନେ ହିଁ ଏ ଦେଶର ଭବିଷ୍ୟତ। ଶିଶୁମାନଙ୍କ ପାଇଁ ତାଙ୍କ ଲେଖନୀରୁ ସୃଷ୍ଟି ହୋଇଥିଲା-

"ଆମେ ନବଯୁବା ନବ ତରୁଣ,
ଆମେ ନବୋଦିତ ଦେବ ଅରୁଣ
ଏ ବିଶ୍ୱ ଅନ୍ଧାର ବିନାଶିବା ଲାଗି
ଆମ ଜନ୍ମ ଆମ ମରଣ।"

ସେହିପରି ଶିଶୁମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଭାତୃତ୍ୱଭାବ ଜାଗ୍ରତ କରିବା ପାଇଁ ସେ ଅନେକ ଦେଶାତ୍ମବୋଧ କବିତା ଲେଖିଥିଲେ। ଓଡିଶାର ଶିଶୁ ଯେତେବେଳେ ପତ୍ରିକା ଖଣ୍ଡେ ଦେଖିବାର ସୁଯୋଗ ପାଉନଥିଲେ ଠିକ ସେତିକିବେଳେ ବୀରକିଶୋର ତା ହାତରେ ଧରାଇଦେଲେ "ମୋ ଦେଶ ଶିଶୁ ପତ୍ରିକା"। ଏ ପତ୍ରିକା ମାଧ୍ୟମରେ ସେ କେବଳ ଶିଶୁ ସାହିତ୍ୟ ସୃଷ୍ଟି କଲେ ତାହା ନୁହେଁ, ଅନେକ ଶିଶୁ ସାହିତ୍ୟ ଶ୍ରଷ୍ଟାଙ୍କୁ ସେ ମଧ ସୃଷ୍ଟି କରିଗଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ଦ୍ୱାରା ପ୍ରକାଶ ପାଉଥିବା ଶିଶୁଲେଖା ପତ୍ରିକା ମଧ ତାଙ୍କ ସାଧନାର ଫଳଶ୍ରୁତି ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

କ୍ଷମତା ଓ ଅର୍ଥପ୍ରତି ବୀରକିଶୋରଙ୍କର ସାମାନ୍ୟ ତମ ଦୁର୍ବଳତା ନଥିଲା । ପରାଧିନ ଭାରତରେ ସେ ଗାଇଥିଲେ-ଦିନ ରାତି ମୋର ସେହି ଚିନ୍ତା..ସରକାର ଶବ ଦାହ ହେବ କେବେ ଦେଖିବି ମୁଁ ତାର ଶେଷ ଚିତା। ସ୍ୱାଧୀନତା ପରେ କିନ୍ତୁ ତାଙ୍କ ଚିନ୍ତା ଆହୁରି ଅଧିକ ବଢିଯାଇଥିଲା । ସେହି ଚିନ୍ତା ଥିଲା ଗାନ୍ଧିଜିଙ୍କ କଳ୍ପିତ ସୁନାର ଭାରତ ଚିନ୍ତା । ସ୍ୱାଧିନତା ପରେ ସେ ନିରାଶ ହୋଇ ପଡିଥିଲେ ଦେଶର ଚିତ୍ର ଦେଖି । ସେଥିପାଇଁ ସେ ଲେଖିଥିଲେ-

କାମିନୀ କାଞ୍ଚନ କାଦମ୍ବରୀ
ଶାସନ କଳକୁ ଦେଲା ସାରି ।

ସ୍ୱାଧିନତା ପ୍ରାପ୍ତି ପରେ ବି ବୀରକିଶୋର ଲେଖନୀ ଚାଳନାରୁ ବିରତ ହୋଇନଥିଲେ। ସ୍ୱାଧିନତା ସଂଗ୍ରାମର ଦୀର୍ଘ ଅନୁଭୂତି ସାଙ୍ଗକୁ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ସ୍ୱପ୍ନର ରାମ ରାଜ୍ୟକୁ ସାର୍ଥକ ଓ ସଫଳ ରୂପାୟନ ଦେବାପାଇଁ ଏକାନ୍ତ ଭାବେ ବିଳାପ କରିବାକୁ ଯାଇ ସେ ଲେଖିଥିଲେ-

"ଯାହା ଲେଖିବାର ଲେଖିସାରିଛି ମୁଁ
ଆଉ ପାରୁନି କିଛି ଲେଖି
ଦେଖିବାର ଯାହା ଦେଖିସାରିଛି ମୁଁ
ଆଉ ପାରୁନି କିଛି ଦେଖି ।"

ଏଥିରୁ ସ୍ପଷ୍ଟ ଅନୁମେୟ, ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଗାନ୍ଧିଜୀଙ୍କ ଆଦର୍ଶର ବିଲୋପରେ ସେ ମର୍ମାହତ ହୋଇଥିଲେ। କଟକ ସଦର ସ୍ଥାନୀୟ ବୋର୍ଡର ସଭାପତି ଭାବେ ଓ ବିଧାନସଭାର ସଭ୍ୟ ଭବେ ବହୁ ଜନହିତକର କର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ସମାଜସେବୀ ଭାବେ ପ୍ରତିଷ୍ଠିତ କରିପାରିଥିଲେ ।

ଓଡିଶାର ପାଣି ପବନରେ ଗଢା ଏହି ସଂଗ୍ରାମୀ ସାଧକଙ୍କ ରଚନା ଜାତୀୟ ଚେତନାକୁ ଋଦ୍ଧିମନ୍ତ କରିଯାଇଛି । ସେ ଆଜି ଆମ ଗହଣରେ ନାହାଁନ୍ତି । ୧୯୭୩ ମସିହା ଏପ୍ରିଲ ୨୮ ତାରିଖରେ ତାଙ୍କର ଦେହାବସାନ ଘଟିଛି । ହେଲେ ତାଙ୍କ ଅମର ରଚନା ଏବେବି କାଳଜୟୀ ହୋଇରହିଛି । ଆଜି ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ଏହି ଜାତିସ୍ମରଙ୍କ କାଳଜୟୀ ରଚନାବଳୀ ଆମ ପାଇଁ ପ୍ରେରଣାର ବାର୍ତ୍ତା ହେଉ, ଏହାହିଁ ଆଜିର ଅନୁଚିନ୍ତା।

# ଶାଳପତ୍ରରେ ଖାଦ୍ୟ

ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର,
ମୟୂରଭଞ୍ଜ
ମୋ-୯୪୩୮୫୩୭୦୧୩

ସେଦିନ ଆସିବାରେ ବିଳମ୍ବ ହେବାରୁ ରାତିରେ ଧନୁ ଭାଇଙ୍କର ଢାବାରେ ଅଟକି ଗଲି। ସାଙ୍ଗରେ ସାନ ଭାଇ ବ୍ରଜେଶ୍ୱର ପାଖରେ ଥାଏ। ରାତି ପ୍ରାୟ ୧୦ଟା କିନ୍ତୁ ଏତେ ଭିଡ ନ ଥାଏ ଢାବା। ଆମେ ପହଞ୍ଚିଗଲା ପରେ ପଚାରିକି ଧନୁଭାଇ ନିଜେ ଖାଦ୍ୟ ପ୍ରସ୍ତୁତ କରିବା ଲାଗି ରୋଷେଇଙ୍କୁ କହିଲେ। ଖାଦ୍ୟ ଆସିଗଲା, ଡାଲି ଚଉତିଏ ଓ ରୁଟି ୪ପଟ କଂଚା ଶାଳପତ୍ର ପ୍ଲେଟ୍‌ରେ ପରଷା ଯାଇଥାଏ। ଗରମ ଖାଦ୍ୟରୁ ଏମିତି ଏକ ବାସ୍ନା ଆସୁଥାଏ ଯେମିତିକି ଖାଦ୍ୟରେ ଭିତରେ ସନ୍ତୁଷ୍ଟତା ଲୁଚି ରହିଛି। ଖାଇ ସାରିଲା ପରେ ଗୋଟେ ପ୍ରାକୃତିକ ଖୁସି ଆସିଲା ମନେ ହେଉଥାଏ। ଶାଳବୃକ୍ଷ ଆଚ୍ଛାଦିତ ମୟୂରଭଞ୍ଜ ମାଟି ସତରେ କେତେ ଧନ୍ୟ। କିନ୍ତୁ ସମୟର ବିଦ୍ରୂପ ପ୍ରଭାବରେ ଧଳା ଫରଫର ଥୋର୍ମକୋଲ ପ୍ଲେଟ୍‌ର ବ୍ୟବହାର ଆମକୁ ଅତିଷ୍ଠ କରିଦେଲାଣି। ଯୁଆଡେ ଯିବେ ଥୋର୍ମକୋଲ ପ୍ଲେଟ୍‌ର ବ୍ୟବହାର ଏତେ ସହଜ ସହଜ କରିଦେଇଛି ଯେ ବିବାହ, ଶୁଦ୍ଧିକ୍ରିୟା, ବ୍ରତଘର ଓ ବିଭିନ୍ନ ଭୋଜିରେ ଦେଖିବାକୁ ମିଳୁଛି। କିନ୍ତୁ ରାସାୟନିକ ପଦ୍ଧତିରେ ନିର୍ମିତ ଏହି ସବୁ ଜିନିଷ ଆମ ଶରୀର ପ୍ରତି କେତେ ଅସ୍ୱାସ୍ଥ୍ୟକର ତାହା ଆମେ କେବେ ବିଚାର କରୁନାହୁଁ। ଏହା ଆମେ ନିଶ୍ଚିତ ହେବା ଦରକାର ଯେ ଥୋର୍ମକୋଲ ପ୍ଲେଟ୍‌ର ବ୍ୟବହାର ଦ୍ୱାରା ଶରୀର କୌଣସି ନା କୌଣସି ରୋଗକୁ ପରୋକ୍ଷ ଭାବରେ ଆମନ୍ତ୍ରଣ କରୁଛି।

ଯାହା ବି ହେଉ ଶାଳପତ୍ର ପ୍ଲେଟ୍‌ରେ ଗରମ ଖାଦ୍ୟ ପରଷିଦେଲେ ଖାଇବାକୁ ଯେଉଁ ଆନନ୍ଦ ଲାଗେ ତାହା ଅନୁଭବରୁ ହିଁ ବାରି ହେବ। ଶାଳପତ୍ରରେ ଖାଦ୍ୟ ଖାଇବା ମୟୂରଭଞ୍ଜ ରାଜ ପରିବାରର ବହୁ ପ୍ରିୟ ଭାବେ ପରିଚିତ। କଂସାରେ ଖାଇବାର ଆନନ୍ଦଠୁଁ ଶାଳପତ୍ରରେ ତିଆରି ପ୍ଲେଟ୍‌ରେ ଖାଇବାର ଆନନ୍ଦ ନିଆରା। ଶାଳପତ୍ର ପ୍ରଚୁର ମିଳୁଥିବା ଅଂଚଳରେ ବହୁ ପରିମାଣରେ ପତ୍ର ସଂଗ୍ରହ କରିଥାନ୍ତି ଲୋକେ। ଏହା ଲଘୁ ବନଜାତ ଦ୍ରବ୍ୟରେ ସାମିଲ ଥିବାରୁ ଲୋକେ ସଂଗ୍ରହ କରି ବିକ୍ରି ମଧ କରିଥାନ୍ତି। କିନ୍ତୁ ଶାଳପତ୍ର ମୂଲ୍ୟ ସରକାରଙ୍କର ଧାର୍ଯ୍ୟ ମୂଲ୍ୟ ଅନୁସାରେ ଲୋକେ ପାଆନ୍ତି ନାହିଁ। କାରଣ ଶାଳପତ୍ରରେ ଗରମ ଖାଦ୍ୟ ପରଷି ଖାଇଲେ ହଜମ ପ୍ରକିୟାକୁ ତରାନ୍ୱିତ କରିଥାଏ ବୋଲି କେତେ ଲୋକେ କୁହନ୍ତି।

କେତେକଙ୍କ ଅନୁଯାୟୀ ଶାଳପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ଆସି ବିଭିନ୍ନ ଦୋଷ ଦୂର ହୋଇଥାଏ। ଶାଳପତ୍ରରେ ପ୍ରାକୃତିକ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଛି ଯାହା ଖାଦ୍ୟରେ କ୍ଷତିକାରକ ବ୍ୟାକ୍ଟେରିଆକୁ ରୋକିବାରେ ସାହାଯ୍ୟ କରିଥାଏ ଏବଂ ସେମାନେ ଖାଦ୍ୟରେ ଏକ ସୂକ୍ଷ୍ମ ସ୍ୱାଦ ମଧ ଯୋଗ କରିପାରନ୍ତି। ଶାଳପତ୍ର ପ୍ଲେଟଗୁଡିକ ପ୍ଲାଷ୍ଟିକ ପ୍ଲେଟଗୁଡିକ ପାଇଁ ଏକ ସ୍ଥାୟୀ ବିକଳ୍ପ ହୋଇପାରିବ ଏବଂ ଏହାର ଅନେକ ଲାଭ ମଧ ଅଛି। ପତିତ ଶୁଖିଲା ପତ୍ରରୁ ତିଆରି, ଶାଳପତ୍ର ପ୍ଲେଟଗୁଡିକ ଏକ ଅକ୍ଷୟ ଉତ୍ସ । ପତ୍ରର ପ୍ଲେଟଗୁଡିକ ଭାଙ୍ଗି ମାଟିରେ ପକାଯିବା ପରେ ସାର ଭାବରେ କାର୍ଯ୍ୟ କରିପାରେ। ଶାଳପତ୍ର ପ୍ଲେଟଗୁଡିକ କ୍ଷତିକାରକ ରାସାୟନିକ ପଦାର୍ଥ ଏବଂ ବିଷାକ୍ତ ପଦାର୍ଥରୁ ମୁକ୍ତ ଅଟେ। ଯାହା ପ୍ଲାଷ୍ଟିକ କିମ୍ବା ଅନ୍ୟ ରାସାୟନିକ ପ୍ଲେଟ ଅପେକ୍ଷା ଏକ ସୁସ୍ଥ ବିକଳ୍ପ ଅଟେ। ଶାଳପତ୍ର ପ୍ଲେଟ୍ ଗରମ ଏବଂ ଥଣ୍ଡା ପାତ୍ର ସହିତ ବିଭିନ୍ନ ଖାଦ୍ୟ ଧାରଣ କରିପାରେ। ବିଭିନ୍ନ ପ୍ରକାରର ଖାଦ୍ୟ ରଖିବା ପାଇଁ ଶାଳ ପତ୍ରର ପ୍ଲେଟ୍ ଯଥେଷ୍ଟ ଦୃଢ ଅଟେ। ଶାଳପତ୍ରର ପ୍ଲେଟଗୁଡିକ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, ଯେପରିକି ମନ୍ଦିର ପର୍ବ, ବିବାହ ତଥା ବିଭିନ୍ନ ଭୋଜି ଏବଂ ରେଷ୍ଟୁରାଣ୍ଟ ଆଦିରେ ବ୍ୟବହାର ହୋଇଥାଏ। ସବୁଠାରୁ ବଡକଥା ହେଉଛି ପ୍ରକୃତିର ଦାନକୁ ସଦୁପୋଯୋଗ କରିବା ହେଉଛି ପରିବେଶ ସୁରକ୍ଷାର ଆଉ ଏକ ପରିଚୟ। ଏବେ ତ ଶାଳପତ୍ର ଗଛରୁ ତଳେ ପଡି ନଷ୍ଟ ହୋଇ ଯାଉଛି। ତାର ସଦ୍‌ବିନିଯୋଗ ହେଉଛି କିଛି ଲୋକଙ୍କର ପେଟପାଟଣା ଲାଗି। କିନ୍ତୁ ନଷ୍ଟ ହେଉଥିବା ପତ୍ର ଗୁଡିକ ପ୍ଲେଟ୍ ତିଆରି କରିବା ଏବଂ ଅନ୍ୟାନ୍ୟ ଉପକରଣ ପ୍ରସ୍ତୁତ କରିବା, ଯାହାକି କୃତ୍ରିମ ପ୍ଲେଟ୍ ଆଦିର ବିକଳ୍ପ ସାଜି ପରିବେଶକୁ ସୁରକ୍ଷା ଦେଇପାରିବ। ପୃଥିବୀକୁ ସବୁଜମୟ କରିବା ଆମ ସମସ୍ତଙ୍କର ସୁରକ୍ଷା।

# ମଧ୍ୟବିତ୍ତ ସଙ୍କୁଚିତ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

କଥାରେ ଅଛି 'ବଡ ପୁଅ ବାପର, ସାନ ମା'ର କିନ୍ତୁ ମଝି ମଝିଆ କାହାର ନୁହେଁ।' ଏବେ ଭାରତୀୟ ଅର୍ଥନୀତିରେ ଏହା ଅନୁଭବ ହୁଏ। ଆମ ଦେଶରେ ବଡବଡିଆ ଅର୍ଥାତ ଧନୀକ ଗୋଷ୍ଠୀ(ଥିଲାବାଲା) ସରକାରଙ୍କର ବାହୁ ଛାୟା ତଳେ ଥିବା ବେଳେ ଗରିବ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାରେ ସମସ୍ତ ସହାୟତାର ଭାଗିଦାରୀ। କିନ୍ତୁ ମଝିମଝିଆ ଅର୍ଥାତ ମଧ୍ୟବିତ୍ତ, ସବୁଥିରୁ ବଂଚିତ, ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ, ଦେଶର ଧନୀକ ଗୋଷ୍ଠୀର ସମ୍ପତି ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଗରିବ ଗୋଷ୍ଠୀ ସମସ୍ତ ସରକାରୀ ଯୋଜନାରେ ସହାୟତାରେ ନିଜକୁ କେବଳ ସୁରକ୍ଷିତ ରଖିପାରିଛନ୍ତି। କିନ୍ତୁ ମଧ୍ୟବିତ୍ତ ପରିବାରର ଆର୍ଥିକ ଅବସ୍ଥା ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏହା ନିସନ୍ଦେହ ଯେ, ଦେଶରେ ଧନୀ, ଗରିବଙ୍କ ମଧ୍ୟରେ ତାରତମ୍ୟ ବଢ଼ିବାରେ ଲାଗିଛି। ଏହି ପରିସଂଖ୍ୟାନରେ କୁହାଯାଇଛି ଯେ, ଦେଶର ମାତ୍ର ୧ ପ୍ରତିଶତ ଧନୀକ ଗୋଷ୍ଠୀ ହାତରେ ଦେଶର ୫୦ ପ୍ରତିଶତରୁ ସମ୍ପତ୍ତି ରହିଛି। ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ଦିନକୁ ଦିନ ବଢିଚାଲିଥିବାବେଳେ ଅର୍ଥନୀତି ମଧ୍ୟରେ ଦୃତଗତିରେ ବଢିଚାଲିଛି। ବିଶ୍ୱରେ ଦୃତତମ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଭାରତ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏବେ ବିଶ୍ୱରେ ଭାରତ ଅର୍ଥନୀତିରେ ଇଂଲଣ୍ଡକୁ ପଛରେ ପକାଇ ପଞ୍ଚମ ସ୍ଥାନ ଅଧିକାର କରିଛି। ଆଗାମୀ ୩ବର୍ଷ ମଧ୍ୟରେ ଭାରତ ବିଶ୍ୱରେ ତୃତୀୟ ବୃହତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେବା ନେଇ ସରକାର ଦାବି କରନ୍ତି। ଗୋଟିଏ ପଟେ ଦେଶର ଦ୍ରୁତତମ ଆର୍ଥିକ ଅଭିବୃଦ୍ଧି ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଥିବାବେଳେ ଅନ୍ୟପଟେ ମଧ୍ୟବିତ୍ତ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି। ସରକାରର ଉପକ୍ଷୋ ପାତ୍ର ହୋଇଛନ୍ତି । କହିବା ବାହୁଲ୍ୟ ଯେ, ନିଜର ଚାହିଦା ଓ କ୍ରୟ ଶକ୍ତି ଦ୍ୱାରା ଦେଶର ଅର୍ଥନୀତିକୁ ସମୃଦ୍ଧ କରିବାରେ ସର୍ବଦା

ଅଗ୍ରଗାମୀ ଦୂତ ବା ସାରଥୀ ସାଜିଥିବା ମଧ୍ୟବିତ୍ତ ଏବେ କେବଳ ସରକାରଙ୍କ ଦ୍ୱାରା ଉପେକ୍ଷିତ ହୋଇନାହିଁ, ବହୁବିଧ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଏ। ଦେଶର ଜିଡିପି ଦ୍ରୁତ ବେଗରେ ଅଭିବୃଦ୍ଧି ହାସଲ କରୁଥିବା ସତ୍ତ୍ୱେ ମଧ୍ୟବିତ୍ତ ପରିବାର ବର୍ଗଙ୍କ ମଧ୍ୟରେ ଚାହିଦା ଏବଂ କ୍ରୟ ଶକ୍ତି ଦିନକୁ ଦିନ ଗତିଶୂନ୍ୟ ବା ସଂକୁଚିତ ହେବାରେ ଲାଗିଛି ଯାହା ମଧ୍ୟବିତ୍ତଙ୍କ ପ୍ରତି ସରକାରରଙ୍କ ଅବହେଳା ଏବଂ ବିଭିନ୍ନ ସାମଗ୍ରୀ ଆକାଶଛୁଆଁ ଦରଦାମ ବୃଦ୍ଧି ଏବଂ ବେରୋଜଗାରୀ ମୁଖ୍ୟ କାରଣ ଭାବେ ଉଭା ହୋଇଛି ବୋଲି କୁହାଯାଇପାରେ। ପ୍ରଶ୍ନ ଉଠୁଛି, ଯଦି ଭାରତ ପ୍ରକୃତରେ ବିକାଶ କରୁଛି, ତେବେ ଏହାର ଅଭିବୃଦ୍ଧି ସମାଜର ତଳ ଶ୍ରେଣୀର ତଥା ବିଶେଷ କରି ମଧ୍ୟବତ୍ତ ଲୋକଙ୍କ ନିକଟରେ ପହଁଚି ପାରୁନାହିଁ କାହିଁ। ସରକାରୀ ରିପୋର୍ଟ ଅନୁଯାୟୀ ବ୍ୟୟ ଡାଟା ଦର୍ଶାଉଛି ଯେ, ଚାହିଦା ଅଭିବୃଦ୍ଧି ଉଲ୍ଲେଖନୀୟ ଭାବେ ଜିଡିପି ଅଭିବୃଦ୍ଧି ପଛରେ ରହିଛି। ଯାହାକି ଆୟ ବୃଦ୍ଧି ଉପଯୁକ୍ତ ଭାବେ ବିନିଯୋଗ ହୋଇପାରୁନାହିଁ କିମ୍ବା ବସ୍ତୁ କ୍ରୟ ସମର୍ଥନରେ ପରିଣତ ହୋଇପାରୁନାହିଁ କିମ୍ବା ବାସ୍ତବ କ୍ରୟ ସମର୍ଥନରେ ପରିଣତ ହୋଇପାରୁନଥିବା ସଂକେତ ଦିଏ। କେବଳ ଏତିକି ନୁହେଁ, ପରିବାରର ସଂଚୟ ମଧ ଆଶାତୀତ ଭାବେ ସଂକୁଚିତ ହେବାରେ ଲାଗିଛି। ଏହା ନିଃସନ୍ଦେହରେ ଯେ, ଆୟ ବୃଦ୍ଧି ସବୁବେଳେ କ୍ରୟ ଶକ୍ତିକୁ ବୃଦ୍ଧି କରିଥିବାବେଳେ ସଂଚୟକୁ ମଧ୍ୟ ଉତ୍ସାହିତ କରିଥାଏ। ତେବେ ଅତି ସୂକ୍ଷ୍ମ ଭାବରେ ବିଚାର କରାଯାଏ, ତେବେ ଭାରତର ଆର୍ଥିକ ପ୍ରଗତି ଏବଂ ବାସ୍ତବ ଜନକଲ୍ୟାଣ ମଧ୍ୟରେ ବ୍ୟାପକ ପାର୍ଥକ୍ୟ ପରିଲିଖିତ ହୁଏ। ଏହା ସତ୍ୟ ଯେ, ଯଦି ଆମେ ଏକ ସ୍ଥିର ଏବଂ ଆର୍ଥିକ ପ୍ରଗତି ଆଶା କରିବା ତେବେ ମଧ୍ୟବିତ୍ତ ପରିବାରକୁ ବାଦ ଦେଇ ଏହା କଳ୍ପନା କରାଯାଇନପାରେ। କହିବା ବାହୁଲ୍ୟ ଯେ, ଦେଶରେ ଅଧାରୁ ଅଧିକ ପରିବାର ହେଉଛନ୍ତି ମଧ୍ୟବିତ୍ତ। ବିମୁଦ୍ରାୟନ ଏବଂ ମହାମାରୀ କରୋନା ଯୋଗୁଁ ସେମାନଙ୍କ ଆୟରେ ବିଶେଷ କିଛି ଅଗ୍ରଗତି ଘଟିନାହିଁ। ସେହିପରି କ୍ଷମତା ପାଇଁ ଉଭୟ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରମାନଙ୍କ ବ୍ୟାପକ ମାଗଣା ଯୋଜନା ଯୋଗୁଁ ସେମାନଙ୍କର କାମ କରିବାର ଆଗ୍ରହ ମଧ୍ୟ ଧୀରେ ଧୀରେ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଏ। ଯାହାର ପରିଣତି ସ୍ୱରୁପ ସେମାନଙ୍କ ରୋଜଗାର, ଆୟ ମଧ ହ୍ରାସ ପାଇଛି। ଭାରତୀୟ ଅର୍ଥନୀତିରେ ମେରୁଦଣ୍ଡ ଭାବେ ପରିଚିତ ମଧ୍ୟବିତ୍ତ ବର୍ଗ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାରୁ ବଂଚିତ ହେବା, ଆୟୁ ହ୍ରାସ ପାଇବା ସେମାନଙ୍କର କ୍ରୟଶକ୍ତିକୁ ନିମ୍ନଗାମୀ କରିଛି। ଦେଶର ନୀତି ନିର୍ଦ୍ଧାରକମାନେ ମନେରଖିବା ଉଚିତ ଯେ, ଏହି ମଧ୍ୟବିତ୍ତ ଗୋଷ୍ଠୀ ହେଉଛି ଦେଶର କରଦାତା। ସେମାନଙ୍କୁ ଉପେକ୍ଷା ଦେଶର ଅର୍ଥନୀତି ଓ ବିକାଶ ପାଇଁ ଆଦୌ ଶୁଭଙ୍କର ନୁହେଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଅବସୋସ

ସୁଦର୍ଶନ ମହାପାତ୍ର



ଅବସୋସ ଗୋଟେ ହାହୁତାଶମୟ ଜୀବନର ପରିଚ୍ଛେଦ
ନିରାଶା ତ୍ରିଶଙ୍କୁ ଅସହାୟ ନେତ୍ରେ ଦୃଶ୍ୟାୟିତ ଅର୍ଦ୍ଧସ୍ୱର୍ଗ,
ଅବସୋସ ଗୋଟେ ମଉଳା ଶେଫାଳି ଅଶ୍ରୁ ସଜଳ ଗୀତି
ଝଡି ପଡି ନିତି ଧରଣୀ କୋଳରେ ଲୋଡୁଥାଇ ଚିରଶାନ୍ତି ।।

ଅବସୋସ ଗୋଟେ ବେସାହାରା ହୃଦ ଭଗ୍ନବୀଣାର ତାର
କ୍ଷୁଧିତ ପେଟର ନିଷ୍ପ୍ରଭ ଚାହାଣି ଲୋଡେ ପୂଣ୍ୟ ଉପଚାର,
ଅବସୋସ କେବେ ଉଭା ଅନାହୂତ ପ୍ରିୟାଦପି ପ୍ରିୟ ପଣେ
ଜୀଇଁବାକୁ ହୁଏ ମୃତ୍ୟୁ ଆବାହନ ସ୍ତୋତ୍ର ମନ୍ତ୍ର ଉଚ୍ଚାରଣେ।

ଅବସୋସ ଗୋଟେ ଦାଦନ ଶ୍ରମିକ ବେଦନା ବିଧୁର ଗାଥା
ଆଶା ଆକାଂକ୍ଷାର ଉଜୁଡା ସପନ ହୃଦେ ଅସୁମାରୀ ବ୍ୟଥା,
ଅବସୋସ ଗୋଟେ ଅବାଞ୍ଛିତ ଶିଶୁ ଅଝଟ ଆବେଗ ସ୍ୱର
ଦୁନିଆ ବୁକୁରେ ଦୁଃଖ କଷ୍ଟ ଭୋଗ ଚିର ସହଚର ଯା'ର ।।

ଅବସୋସ ଗୋଟେ ଅନୁଞ୍ଚା ଜୀବନ ତୁଠ ପଥରର ଭାଗ୍ୟ
ସଭିଏଁ ଭୋଗନ୍ତି ଉଣାଧିକ ନିଷ୍ଠେ ଧରି ଶେଷହୀନ ଧୈର୍ଯ୍ୟ ।।

କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

## ଅସରନ୍ତି କବିତା

ମମତା ପ୍ରିୟଦର୍ଶିନୀ



କିଛି କବିତା ବାକି ରହିଗଲା
ଧୂଳିରେ , ଶୂଳିରେ,
ଅନ୍ଧାର ଭିତରୁ
ସତର ଆଲୁଅ ଖୋଜିବାକୁ।

ପାପ ପଙ୍କର ସରସୀରେ
ପଦ୍ମ ଫୁଟେଇ ପବିତ୍ରତାର,
ଉଡୁଥିଲା ଗେଣ୍ଡାଳିଆ
ଆକାଶର ନୀଳିମାରେ
ଇତିହାସ ରଚିବାକୁ ।

ସେ କି ଜାଣିଥିଲା
ଶୂନ୍ୟତାର ଜ୍ୟାକେଟ ପିନ୍ଧି
ହସୁଛି ଖିଲି ଖିଲି ସମୟ ,
ସାଉଁଟି ଚାଲିଥିଲା
ମହୁଲର ମହୁ
କୋକିଳର କୁହୁ ।

ଦୂର୍ବାର ମୋହ
ଅଜସ୍ର କୋହ
ରୋକିପାରେନା ନଦୀର ପଥକୁ ,
ନିରବଧି ସେ ଚାଲେ
ପୁଣି ଚାଲେ
ଝୁଣ୍ଟି ହୋଇ ରକ୍ତ ବୋହିବା ପରେ ବି ।

କବିତା , ଆହୁରି କେତେ କବିତା
ବାକି ଅଛି,
ରହିଥିବ ,
ଦୁଇ ଖଣ୍ଡ କାଠ ସହ
ଜଳିଲା ବେଳେ ବି
ପାଉଁଶର ଗଦା ପାଲଟିଲା ପରେ ବି
ବାକି ଥିବ କବିତା
ଅସରନ୍ତି କବିତା।।

## ଶବ୍ଦାସ୍ତ୍ର

ଅନସୂୟା ପଣ୍ଡା



କେତେ ସ୍ୱପ୍ନ ଦେଖାଅ ପୁଣି ଭାଙ୍ଗ
ନିଠେଇ ନିଠେଇ ଅନର୍ପଣ
ମଧୁର ସମବେଦନାର
ଦୂଷିତ ଜହର ବାଣ୍ଟ।
ପାଟିରେ ତୁମର କେମିତି କଅଁଳେ
ବେଧଡକ୍ ମାଳ ମାଳ ଡାହାମିଛ
ଗୋଟେ ଝିଅର ବଳାତ୍କାର ପରେ
ବାହାରେ କୋହର ଆନୁନାସିକ ସ୍ୱର।
ଅଗୋଚରେ ଯେତିକି ଶିଡି ଚଢାଅ
ସେତିକି ସାପକୁ ଗିଳାଅ
ଯେଉଁଠି ଯେମିତି ଥିଲା ଅତ୍ୟାଚାର
ସେଇଠି ସେତିକି କୁଣ୍ଡଳୀ ମାରି
ବସିଛି ଅପରାହତ ଅତ୍ୟାଚାରୀ
ରାଜନୀତିର ପେଡି ଭିତରେ
ସାଞ୍ଜୁ ପିନ୍ଧି ସୁରକ୍ଷାର।
ଖାଲି ମିଛ ପ୍ରବୋଧନାର ପବନ ବହେ
ଛଳନାର ଆଖିଏ ଲୁହରେ
ସାନ୍ତ୍ୱନା ସବୁ ଚହଲୁଛି
ମିଛି ମିଛିକା ମନ୍ତ୍ରଣାରେ।
ଏମିତି ଚାଲିଥିବ ମୁରବି ପଣ
ବୁନ୍ଦୁ ବନେଇବାର ରାଜନୀତି
ଆଖିରେ ହାତ ଗେଞ୍ଜି ଜନତାର
ଆଶା ବିଶ୍ୱାସରେ ଶକ୍ତ ପ୍ରହାର
ତୁଚ୍ଛ ରାଜନେତାଙ୍କ ଶବ୍ଦାୟିତ ଅସ୍ତ୍ର।

ବୁର୍ଲା, ସମ୍ବଲପୁର,
ଫୋନ:-୯୪୩୯୨୧୧୯୭୧

## ସେହି ଶବ୍ଦଭ୍ରୁଣମାନଙ୍କୁ ଶ୍ରଦ୍ଧାଞ୍ଜଳି

ଡ. ଦୀପକ କୁମାର ମିଶ୍ର

କବିତାରେ ପୂର୍ଣ୍ଣ ପ୍ରସ୍ଫୁଟିତ ହେବା ପୂର୍ବରୁ
ଯେଉଁ ଶବ୍ଦମାନଙ୍କୁ ଛକିମାରି
କାଟିଦେଲ କବି
କହିବ କି,
ସେମାନେ କ'ଣ ସତରେ ଥିଲେ ଅକାଳପକ୍ୱ
ଅବା ସ୍ଥିର ସିଦ୍ଧାନ୍ତ ପୂର୍ବରୁ ମନାସିଥିଲ
କିଛି ଅବାଂଛିତ ଶବ୍ଦକୋଷିକାମାନଙ୍କୁ ।

ଗହନ ଅନ୍ଧାରର ଗହ୍ୱରରୁ
କଳ୍ପନାରୁ କୂଅରୁ
ଖିଆଲର ଖଣିରୁ
ସଦ୍ୟ ଉତ୍ତୋଳିତ
ଆଖି ଫୁଟିନଥିବା ଶବ୍ଦଭ୍ରୁଣମାନଙ୍କୁ
ଭୟ କରିଗଲ କି କବିବର
ସେମାନେ ବୋଧେ କହିଦେଇଥାନ୍ତେ
ତୁମ ଅବଚେତନାର ଅସଲି ସ୍ୱରୂପ ।

ତୁମେ ସେହି ଶବ୍ଦମାନଙ୍କୁ
ଅଳଙ୍କୃତ କରି ଅଭିଷେକ କଲ
ଯେଉଁମାନେ କହୁଥିଲେ
ପ୍ରେମ, ସମ୍ପର୍କ, ଜନ୍ମ,ମୃତ୍ୟୁ ଆଦିଙ୍କୁ
ଖୁବ୍ ସୁହାଇଲା ଭଳି ତେଲମରା କଥାମାନ
ବ୍ୟବସ୍ଥାର ଅଳନ୍ଧୁଗଳିମାନଙ୍କରେ
ଚକାମାଡ଼ି ସହଜରେ ବସିପାରୁଥିଲେ
ସେମାନେ
ଡରିମରି କରୁନଥିଲେ
ବିଦ୍ରୋହ ବା ବିଦ୍ରୁପର ନାରାବାଜିଟିଏ ।

ଅପ୍ରାସାଙ୍ଗିକ ହେଲେ ବି
ଭାବିବାକୁ ପଡ଼େ
ପ୍ରାକ୍ ସନ୍ଧି ପୂର୍ବକ
ପ୍ରଶଂସା ଅବା ପୁରସ୍କାର ନିମନ୍ତେ
ଉତ୍କୋଚ ଦେଇ ସେମାନଙ୍କୁ ଗଢ଼ିଥିଲ କି
କେଉଁ କୁମ୍ଭାର ଅବା କମାରଶାଳରେ ।

ତୁମେ କେମିତି ଜାଣିବ କବି
ବୃନ୍ତରୁ ବୃଥାରେ ଝରିପଡ଼ିଥିବା
ଗୋଲାପ କଢ଼ିଟିର କଥା
ଯିଏ ସାଜିଥା'ନ୍ତା ସାହସର ସାକ୍ଷୀଟିଏ
କେଉଁ ସହିଦର ଛାତିରେ
କହିବାକୁ ବୀରତ୍ୱର ଗାଥା ।

ବୁଝାପଡ଼େନି
ଗୁରୁତ୍ୱହୀନ ଗରିମାର ଗୌରବ ପାଇଁ
କାହିଁକି ଯେ କର
ବାରବାର ଶବ୍ଦଭୃଣ ହତ୍ୟା ।

ଇରା ଇ ପତ୍ରିକା
ଗଙ୍ଗନଗର ଛକ, ଭୁବନେଶ୍ୱର
୭୯୭୮୧୧୦୪୭୪

## ପୁରୁଷ

ଲତିକା ବିଳାସ



କୁଆଁ କୁଆଁ କାନ୍ଦେ ମାଟି ଛୁଉଁ ଛୁଉଁ କର୍ଣ୍ଣେ ଶୁଣି ଗୁରୁମନ୍ତ୍ର ,
କୋମଳ କାକଳି ପଛକୁ ଫୋପାଡି ଶକ୍ତ କରେ ସ୍ନାୟୁତନ୍ତ୍ର ।।
ସ୍ନେହ ଆଦରର ମଳୟ ଭିତରେ ଦାୟିତ୍ୱର ଖରା ତାତି,
ଲିଭାଉଥାଏ ସେ ବିଲରୁ ବଜାର ବୁଲି ବୁଲି ନିତି ନିତି ।।

ଭାବ ବିଶ୍ୱାସର ବିଶାଳ ବାରିଧି, ଧୈର୍ଯ୍ୟର ଧଉଳି ଗିରି ,
ପୂର୍ବାହ୍ନେ ଆଶାର ଆଲୋକ ବର୍ତ୍ତିକା ମଧ୍ୟାହ୍ନେ ପ୍ରେମର ତରୀ ।।
ସାୟାହ୍ନେ ସଶକ୍ତ ସାହା,ଆଶାବାଡି ସେବା ଶୁଶ୍ରୁଷାର ସିନ୍ଧୁ ,
ସଦା ସୁରକ୍ଷିତ ରଖେ ସନ୍ତୁଳନ ଭାରଦଣ୍ଡ ଭାରବିନ୍ଦୁ ।।

ଆଖି ପଛପଟେ ବରଫ ପାଲଟେ ଲୁହର ଉଷୁମ ଧାର
ମେଦକୁ ସ୍ୱେଦରେ ତରଳାଇ ମାପେ ପୁରୁଷ ପଣିଆଁ ଧାର ।।
ଛିଣ୍ଡା ପୋଷାକର ସିଲେଇରେ ଦିଶେ ଦଧିଚିଙ୍କ ପ୍ରତିମୂର୍ତ୍ତି ।
ତାଳଗଛ ଭଳି ବଜ୍ର ବିଜୁଳିକୁ ପାତି ଦେଇଥାଏ ଛାତି ।।

ମୁରବୀଗିରିର ଅହଙ୍କାରେ ସିନା ମନ ଟିକେ ଭାରୀ ଭାରୀ ,
ବୁନ୍ଦାଏ ସ୍ନେହରେ ବନ୍ଧା ଦେଇଦିଏ କଳିଜା ବାହାର କରି ।।

ଭଟଲି ଛକ,
ବରଗଡ଼

## ଶୀତରେ ମୋ ଗାଁ

ରମାକାନ୍ତ ଦାସ



ଶୀତରେ ମୋ ଗାଁ ଦିଶଇ ସୁନ୍ଦର
ଥରି ଥରି ବହେ ଉତ୍ତରା ପବନ
ମୁକ୍ତାପରି ପଡ଼େ ଟିପି ଟିପି ହିମ
ଆକାଶେ ହସୁଥାଏ ରୂପା ଜହ୍ନ ।।

ସୁନାପାଟ ପିନ୍ଧି ହସଇ ଧରଣୀ
ସୁନାର ଫସଲେ ଖେଳଇ ଲହରୀ
ସବୁଜ ଘାସରେ ଟୋପା ଟୋପା କାକର
ଦିଶୁଥାଏ ମୁକ୍ତାପରି ।।

ମେଞ୍ଚ ମେଞ୍ଚା ହୋଇ କଅଁଳିଆ ଖରା
ପଡ଼େ କୁହୁଡି ଢ଼ଙ୍କା ସକାଳରେ
ନାନା ଜାତି ଫୁଲ ଫୁଟିଉଠି ହସେ
ଶିଶିରର ଶୀତଳ ଛୁଆଁରେ ।।

ଫୁଲେ ଫୁଲେ ଉଡ଼ିବୁଲେ ମହୁମାଛି
ମକରନ୍ଦ ପାନକରେ
ସୋରିଷ କ୍ଷେତଟି ସୁନ୍ଦର ଦିଶଇ
ମୋ ଗାଁର କ୍ଷତରେ ।।

ଚାଷୀଭାଇ ହସେ ମହାଆନନ୍ଦରେ
ପାଚିଲା କ୍ଷେତକୁ ଦେଖି
ମୁକୁତା ବିନ୍ଦୁରେ ଝଲସେ ମୋ ଗାଁ
ଆଖି ଯାଏ ମୋର ଲାଖି ।।

ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ସାଇତା ସ୍ୱପ୍ନ

ସିଦ୍ଧେଶ୍ୱର ତ୍ରିପାଠୀ



ଗହନ ରାତିର ଦହନ ଦୁଃଖକୁ
କେବେ ଦୁରେଇବ ପ୍ରିୟା
କୋଉଦିନ ଆଉ ପାଇବି ମୁଁ ସତେ
ତୁମର ସେ ଓଠ ଛୁଆଁ ।

ବହଳ ଅନ୍ଧାରେ ଗୋଟେ ବିଛଣାରେ
ଆମେ ଯାଇଥିବା ସୋଇ
ନୀରବରେ କେତେ ପୀରତି ପାଖୁଡା
ଖୋଲୁଥିବ ଆମ ପାଇଁ ।

ତୁମରି ମୁକୁଳା ଛାତିର ଛୁଆଁରେ
ଲିଭିବ ଅଦେଖା ନିଆଁ
ଗହନ ରାତିର ଦହନ ଦୁଃଖକୁ
କେବେ ଦୂରେଇବ ପ୍ରିୟା ।

ଦୀର୍ଘ ନିଶ୍ୱାସରେ ବଢୁଥିବ ସୁଖ
ରାତି ଅନ୍ଧାରକୁ ଛୁଇଁ
ମଧୁର ଯନ୍ତ୍ରଣା ଅନୁଭବୁ ଥିବା
ଦୁହେଁ ତ ଦୁହିଁଙ୍କ ପାଇଁ ।

ଆପେ ଆପେ ସବୁ ଉଭେଇ ଯିବଗୋ
ଯେତେ ବିରହର ଧୂଆଁ
ଗହନ ରାତିର ଦହନ ଦୁଃଖକୁ
କେବେ ଦୁରେଇବ ପ୍ରିୟା ।

ଖୋର୍ଦ୍ଧା

## ।।ଓଢଣା।।

ସୁଜିତ କୁମାର ମିଶ୍ର

ଲାଜ ରଙ୍ଗର ଓଢଣା ତଳେ
ଲକ୍ଷେ ଦୀପ ଜାଳିବ କିଏ ?

ମେଞ୍ଚା ମେଞ୍ଚା କଳାବାଦଲର
ପ୍ରାଦୁର୍ଭାବରେ
କାମନା ବଢୁଛି ବନ୍ୟା ପରି ହାୟ
ବିବର୍ଣ୍ଣ ହୃଦୟ ହାଟରେ ।

ଭକ୍ତି ଭାବର ଚଉଁରାମୂଳ,
ସଂଭ୍ରମ ଆଖି କେତେ
ଖୋଜୁଛି ଓଢଣାର ମିଠା ଭାବ
ଯାହାକୁ ନେଇ ଗଢା ଯାଇପାରିବ
ସ୍ୱର୍ଗର ଅନୁପମ ବୈଭବ,
ନିତି ପୋଡାଜଳା ହେଉଛି ଏ ଓଢଣାର
କାହିଁ ସେ ସ୍ନିଗ୍ଧା ସୁଶିଳା
ଯିଏ ତା ପାଇଁ ହେବ
ସଞ୍ଚିତ ପ୍ରେମରାଗ ?

ମହୁଫେଣାରେ ମହୁ ପରି
ଓଢଣା ତଳେ ନଥାଏ କି ମହୁ,
ସେପାଇଁ ଗୋଟିଏ ଚରିତ୍ର ପାଲଟେ
ତା ଛଳଛଳ ଛୁଆଁରେ
ଅତି ଆପଣାର ବୋହୂ,
ଓଢଣା ଘର ମନ୍ଦିରର ଦୁର୍ମୂଲ୍ୟ ଗହଣା
ତା ଚୋରା ଚୋରା ଚାହାଣୀରେ
ଭାବ ଆହା ଚିତ୍ରିତ ବର୍ଣ୍ଣାଳୀ,
କୋଟି ହୃଦୟକୁ ଆଲୋକ ରୋଷଣୀ କରେ
ମୃଦୁ ମଳୟରେ ଚାହୁଁ ଚାହୁଁ ।

ଓଢଣା ଥିଲେ ଝରେ
ରସମୟ କବିତା,
ଭାବନାର କାନ୍ଥ ହୁଏ
ରଙ୍ଗଝୋଟି ଭରା,
କଣ ସରି ପାରୁଛି କବିତାର ଧାରା
ସାବିତ୍ରୀ, ଯଶୋଦା, ଦେବକୀ ଆଦି
ନାରୀମାନଙ୍କୁ ନେଇ,
ସେଇଥିପାଇଁ ତ ଏ ଓଢଣା
କାଳେ କାଳେ ଶ୍ରଦ୍ଧାର ଚିରସ୍ରୋତା ନଈ,
ଅସରନ୍ତି ତାତିଲା ଝାଞ୍ଜିର ତାଡ଼ନାରେ
ହଜି ଯାଇନିକି ସେ ପୁଣ୍ୟ ପସରା ?

ଓଢଣା ଏବେ ତ
ନିଅଣ୍ଟିଆ ବଜେଟର ଶୀର୍ଷକ ବିଷୟ,
ଉଗ୍ର ଆଧୁନିକତାର ବିଷଛାପରେ
ନଗ୍ନ ନଗ୍ନ ଭଗ୍ନ କୋଣାର୍କର
ଅନାକର୍ଷଣୀୟ ବିଳୟ,
ଆସ ଦେଖିବ ତା ରୂପକୁ
ହାଟ ବଜାରରେ କେମିତିକା ସେ
କ୍ରୟ ବିକ୍ରୟ ?

ଅଭାବୀ ଓଢଣା ପାଇଁ ହୋଇନି କି
ପରିବାର ବୈକୁଣ୍ଠର ପତନ,
ଗଛର ପତ୍ର ପରି
ବଢି ବଢି ଚାଲିଛି ଦୁଃଖର ପତ୍ରଝଡା,
ସକାଳଠୁ ସଞ୍ଜ ରଙ୍ଗର ଚିକ୍କଣ ରାସ୍ତା
ଏବେବି ଆବଡାଖାବଡା,
ମମତାର ବନ୍ଧନରେ ପ୍ରଶମିତ ହେବ କି
ଏ ଗ୍ରୀଷ୍ମ ଦହନ ?

ଓଢଣା ଥିଲେ ଅନନ୍ତ ସୁଖର ଲହରୀ
ନଥିଲେ ଅଭିଶପ୍ତ ଅଶ୍ରୁ ଅବପାତର
ନଷ୍ଟଭ୍ରଷ୍ଟ କାହାଣୀ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ୭୬୮୩୮୬୭୭୪୨

## ଜୀବନ କକ୍ଷା ଅଭିଯାନ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ପରମ୍ପରାକୁ ଦ୍ୱାହି ଦେଇ
ହାଟରେ ହଟ କରୁଥିବା କିଛି ଶବ୍ଦାସ୍ତ୍ର
ପଥର ହୋଇଗଲେ ଯେ
ପଥ ଏବେ ବେଶ ପଥୁରିଆ
କେତେ ତାକୁ ଝୁଣ୍ଟିଲେ, ରକ୍ତାକ୍ତ ହେଲେ
କେତେ ପଡ଼ିଲେ କୋମାକୁ ଗଲେ
ଆଉ କିଛି ତାକୁ ସାଉଣ୍ଟି ଚାଲିଲେ
ରଚିବାକୁ ସ୍ୱାର୍ଥର କୋଣାର୍କ।

କିଛି ମାସ୍କ ପିନ୍ଧା ମଣିଷ
ରାତାରାତି ଓହ୍ଲେଇଲେ ଡ଼ଙ୍ଗର ଛାତିରେ
ହାତରେ ଗ୍ଲୋବସ ଆଉ ପାଦରେ ସକ୍ସ
କୁନ୍ଦ କାମଦର ବାସ୍ନାକୁ ଠେଲିଦେଇ
ଏକ ରାଜଧାନିଆ ମହକ ସଂଚାରି
ଜୁଳୁଜୁଳୁ ଜଳେଇଲେ କିଛି ଆଖିଙ୍କୁ
କୁଡ଼ିଆର କିଟିମିଟି ଅନ୍ଧାର ଗହ୍ୱରେ।

କ୍ୟାମେରାରେ କଏଦ ହେଲା ପ୍ରମାଣ
ତା'ପରେ ପୃଷ୍ଠା ପରେ ପୃଷ୍ଠା ଛାପି ହେଲା
ବହିରେ, ସଭା ସମିତିରେ ଆଉ ସମ୍ବାଦ ପତ୍ରରେ
ସରଳ ଜନଜାତିର ଜଟିଳ ଜୀବନ
ଆଉ ତା'ର ଦୁର୍ବୋଧ ନକ୍ସା।

ଦୟାର କେଇ ପ୍ୟାକେଟ ଶୁଖା ଖାଦ୍ୟ ଦାୟରେ
ପ୍ରଶଂସାର ତାଜ ସାଉଁଟା
ଦୁଇ ଚାରିଦିନିଆ ଜୀବନ କକ୍ଷା ଏଇ ଅଭିଯାନ
ଏଇମିତି ଚାଲିଥିବ
ମାତ୍ର ପରମ୍ପରା ପୂର୍ବବତ ଭୋକିଲା
ଆହୁରି ଆଉଟୁ ପାଉଟୁ ହେଉଥିବ ପରିଚୟ
ଚିତ୍କାର କରୁଥିବ ବିକଳାଙ୍ଗ ଅସ୍ତିତ୍ୱ
ଅସ୍ମିତାର ଭୂଗୋଳରେ
ଆଙ୍କି ହେଉଥିବ ଅଗଣନ କୃଷ୍ଣ ଗର୍ତ୍ତ।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦





## ରାଜ୍ୟସ୍ତରୀୟ କ୍ରୀଡା ମହୋତ୍ସବ 'ଉତ୍ସାହ' ଉଦ୍‌ଘାଟିତ

# ସ୍ୱପ୍ନର କାନ୍‌ଭାସ ଯେତେ ବଡ ହେବ, ଚିତ୍ରର ଆକାର ମଧ୍ୟ ସେତେ ବଡ ହେବ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପିଲାମାନେ ତୁମ ମାନଙ୍କର ଭରପୁର ପ୍ରତିଭା ଅଛି। ବଡ ହେବା ପାଇଁ ହେଲେ ସ୍ୱପ୍ନ ମଧ୍ୟ ବଡ ହେବା ଆବଶ୍ୟକ। ଯଦି ସୂର୍ଯ୍ୟରେ ପହଞ୍ଚିବାପାଇଁ ସ୍ୱପ୍ନ ଦେଖି କାର୍ଯ୍ୟ କରିବା ଅତି କମ୍‌ରେ ଚନ୍ଦ୍ରରେ ପହଞ୍ଚିପାରିବା। ସ୍ୱପ୍ନର କାନ୍‌ଭାସ ଯେତେ ବଡ ହେବ, ଚିତ୍ରର ଆକାର ମଧ୍ୟ ସେତେ ବଡ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଉତ୍ସାହ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୬୫ଟି ଶିଶୁ ଯତ୍ନ କେନ୍ଦ୍ରର ପ୍ରାୟ ୫୮୦ ପିଲା ଯୋଗଦେଇଛନ୍ତି। ଏହି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ ଗତ ୨୬ ଓ ୨୭ ତାରିଖରେ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ମହକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କର କ୍ରୀଡା ମହୋତ୍ସବ 'ଉତ୍ସାହ' ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇ କହିଥିଲେ ବଡ ସ୍ୱପ୍ନ ଦେଖିବା ସହିତ ତା'କୁ ସାକାର କରିବା ପାଇଁ ଉଦ୍ୟମ ମଧ୍ୟ ଜାରି ରଖିବା ଆବଶ୍ୟକ। ତାହେଲେ ଯାଇ ସ୍ୱପ୍ନ ଚରିତାର୍ଥ ହେବ। ଜଙ୍ଗଲର ରାଜା ସିଂହକୁ ମଧ୍ୟ ଶିକାର ପାଇଁ ପରିଶ୍ରମ କରିବାକୁ ପଡିଥାଏ। ତେଣୁ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରିବାକୁ ପଡିବ। ତାହେଲେ ଯାଇ ତୁମେ ମାନେ ନିଜ ନିଜ କ୍ଷେତ୍ରରେ ସଫଳତା ପାଇବ। ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ହେଉଛି ତୁମମାନଙ୍କୁ ଆଗକୁ ବଢିବା ପାଇଁ ଗୋଟିଏ ଗୋଟିଏ ପାହାଚ। ତୁମମାନଙ୍କ ପ୍ରତିଭା ଓ ସୃଜନଶୀଳତାର ସଠିକ୍ ଉପଯୋଗକର। ଆମ ଦେଶର ପ୍ରତ୍ୟେକ କୁନି କୁନି ପିଲାଙ୍କ ମଧ୍ୟରେ ରହିଛି ଏକଲବ୍ୟଙ୍କ କୌଶଳ, ଅଭିମନ୍ୟୁଙ୍କ ଦୁଃସାହସ, ପ୍ରହଲ୍ଲାଦଙ୍କ ଭକ୍ତି ଓ ଅଷ୍ଟବକ୍ରଙ୍କ ପାଣ୍ଡିତ୍ୟ। ଅଲମ୍ପିକ୍ ବିଜେତା ନିରୋଜ ଚୋପ୍ରାଙ୍କ ଠାରୁ ଆରମ୍ଭ କରି କିମ୍ବଦନ୍ତୀ କ୍ରିକେଟ ତାରକା ସଚିନ ତେନ୍ଦୁଲକରଙ୍କ କଠିନ ପରିଶ୍ରମ ଓ ସେମାନଙ୍କ ସଫଳତାକୁ ଉଦାହରଣ ଭାବେ ନେବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସେ ପୁଣି କହିଥିଲେ ଯେ କ୍ରୀଡାର ବିକାଶ ପାଇଁ କେବଳ ଅର୍ଥର ବ୍ୟବସ୍ଥା ଯଥେଷ୍ଟ ନୁହେଁ ଏଥିପାଇଁ ଆନ୍ତରିକତାର ଆବଶ୍ୟକତା ରହିଛି। କଳିଙ୍ଗ ଷ୍ଟାଡିୟମ ସହିତ ବିଭିନ୍ନ ଜିଲ୍ଲାରେ ସ୍ପୋର୍ଟସ ହଷ୍ଟେଲ୍ ଜରିଆରେ ଆମେ ଗ୍ରାମାଞ୍ଚଳ ପ୍ରତିଭାମାନଙ୍କର ପାଠାପଢା ସହିତ କ୍ରୀଡାର ବିକାଶ ମଧ୍ୟ କରୁଛୁ। ଆମ ରାଜ୍ୟର ବହୁ ଅନ୍ତର୍ଜାତୀୟ କ୍ରୀଡାବିତ୍‌ମାନେ ଏହି ସ୍ପୋର୍ଟସ ହଷ୍ଟେଲରେ ଅନ୍ତେବାସୀ ଭାବେ ରହି ତାଙ୍କ କ୍ୟାରିଅର ଗଢିଛନ୍ତି। ତେଣୁ ତୁମ ମାନଙ୍କୁ ମୋର ଅନୁରୋଧ ଗଭୀର ଆତ୍ମ ବିଶ୍ୱାସର ସହ ଆଗକୁ ବଢ। ଯାହାର ଯେଉଁ କ୍ଷେତ୍ର ପ୍ରତି ଆଗ୍ରହ ରହିଛି ସେଥିରେ ଆତ୍ମ ବିଶ୍ୱାସର ସହ ମନୋନିବେଶ କର। କଠିନ ପରିଶ୍ରମ କର ଦେଖିବ ସଫଳତା ତୁମ ପଛରେ ପଡିବ। ଆଗାମୀ ଦିନରେ ତୁମ ମାନଙ୍କୁ ନେଇ ଆମେ ଲକ୍ଷ୍ୟ ରଖିଛୁ ଓଡିଶାକୁ କ୍ରୀଡାର ପାୱାର ହାଉସ କରିବା ପାଇଁ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ରାଜ୍ୟର ଶିଶୁ ଯତ୍ନ କେନ୍ଦ୍ରରେ ରହୁଥିବା ପିଲାମାନଙ୍କ ବାପା ମାଆ ହେଉଛନ୍ତି ସରକାର। ସରକାରଙ୍କ ହାତ ସବୁବେଳେ ସେମାନଙ୍କ ମୁଣ୍ଡ ଉପରେ ଅଛି ଓ ରହିବ। ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲା ଶିଶୁଯତ୍ନ କେନ୍ଦ୍ରର ପିଲାମାନଙ୍କ ମଧ୍ୟରେ ଏକ ଫୁଟବଲ ମ୍ୟାଚ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ପଞ୍ଚାୟତିରାଜ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, କ୍ରୀଡା ଓ ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ରେଳବାଇର ସଂରକ୍ଷା ମୋବାଇଲ୍ ଆପ୍ଲିକେସନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ରେଳ ଗୁରୁବାର ସାରା ଦେଶରେ ସଂରକ୍ଷା ମୋବାଇଲ୍ ଆପ୍ଲିକେସନ୍ ଆରମ୍ଭ କରି ଯାତ୍ରୀ ସୁରକ୍ଷା ଦିଗରେ ଆଉ ଏକ ପଦକ୍ଷେପ ନେଇଛି। ଏହି ପ୍ରୟୋଗର ଉଦ୍ଦେଶ୍ୟ ହେଉଛି ଭାରତୀୟ ରେଳର ଫ୍ରଣ୍ଟଲାଇନ ସୁରକ୍ଷା ବର୍ଗର କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ମାଧ୍ୟମରେ ରେଳ ସୁରକ୍ଷାକୁ ଉନ୍ନତ କରିବା। ରେଳବାଇ ବୋର୍ଡର ସଦସ୍ୟ, ଅପରେସନ୍ସ ଏବଂ ବ୍ୟବସାୟ ବିକାଶ ରବିନ୍ଦର ଗୋୟଲ ଗୁରୁବାର ସମସ୍ତ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଜୋନାଲ ରେଳବାଇ ଗୁଡିକର ସମସ୍ତ ପ୍ରମୁଖ ପରିଚାଳନା ପ୍ରବନ୍ଧକ, ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ ଏବଂ ଭାରତୀୟ ରେଳର ସମସ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସୁରକ୍ଷା ମୋବାଇଲ୍ ଆପ୍ଲିକେସନ୍ ଆରମ୍ଭ କରିଛନ୍ତି। ଏହି ଆପ୍ଲିକେସନ୍ କୁ ୨୦୧୩ ବ୍ୟାଚ୍‌ର ଆଇଆରଟିଏସ୍ ଅଧିକାରୀ ଶ୍ରୀ ଦିଲୀପ ସିଂ ଡିଜାଇନ୍ କରିଛନ୍ତି, ଯିଏ ବର୍ତ୍ତମାନ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇର ନାଗପୁର ରେଳମଣ୍ଡଳର ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର ଭାବରେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ନାଗପୁର ଡିଭିଜନର ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ୍), ନମିତା ତ୍ରିପାଠୀ, ପାଇଲଟ୍ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ରେଳମଣ୍ଡଳରେ ସୁରକ୍ଷା ବୃଦ୍ଧି କରାଇବାରେ ଏହା କିପରି ଉପଯୋଗୀ ପ୍ରମାଣିତ ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ରେଳବାଇ ସମସ୍ତ ଜୋନାଲ ରେଳବାଇରେ ଏହି ଆପ୍ ଲଞ୍ଚ କରିବାକୁ ନିଷ୍ପତ୍ତି ନେଇଛି, ଯେଉଁଥିରେ ପ୍ରଥମେ ୧୬ଟି ରେଳମଣ୍ଡଳରେ ପରୀକ୍ଷାମୂଳକ ଭିତ୍ତିରେ ରୋଲଆଉଟ୍ ପାଇଁ ଚୟନ କରାଯାଇଛି। ଏହି ଆପ୍ଲିକେସନ୍ ରେଳ କର୍ମଚାରୀଙ୍କ ତାଲିମ ଏବଂ ଦକ୍ଷତା ବିକାଶ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭବିଷ୍ୟତରେ ସୂଚନା ପ୍ରଯୁକ୍ତିବିଦ୍ୟା, ଡାଟା ଆନାଲିଟିକ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ସମ୍ଭାବ୍ୟ ଲାଭ ସହିତ ଭାରତୀୟ ରେଳବାଇର ବିଷୟ ଜ୍ଞାନକୁ ଏକତ୍ରିତ କରିଥାଏ। ଏଥିରେ ସ୍ମାର୍ଟ ଲର୍ନିଂ ଏବଂ ଫିଡବ୍ୟାକ୍ ମେକାନିଜିମ୍ ଭଳି ବୈଶିଷ୍ଟ୍ୟ ଅଛି ଯାହା ମଲ୍ଟି ଲେଭଲ୍, ରିଅଲ୍ ଟାଇମ୍ ଫିଡବ୍ୟାକ୍ ଏବଂ ମନିଟରିଂକୁ ସକ୍ଷମ କରିଥାଏ।



ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ଆୟୋଜିତ କାର୍‌କେଡ ରିହଲ୍‌ସେଲ୍। (ଫଟୋ : ସମ୍ବାଦ କଳିକା)

## ଚାଷଜମିରୁ ଜଳପ୍ଲାବନ ସମସ୍ୟା ଦୂର ପାଇଁ ଡ୍ରେଜିଂ କାର୍ଯ୍ୟ କରାଯାଉଛି : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଶେଷକରି ପୁରୀ ଜିଲ୍ଲାର ସତ୍ୟବାଦୀ, କଣାସ ବ୍ଲକ ଦେଇ ପ୍ରବାହିତ ହେଉଥିବା ଦୟା, ଭାର୍ଗବୀ, ଲୁଣା, ମକରା, ରାଜୁଆ, ରତ୍ନଚିରା, ମଲାଗୁଣି ଆଦି ନଦୀଗୁଡ଼ିକ ଶଯ୍ୟାରେ କଳିକତି ଓ ଚିଙ୍ଗୁଡ଼ିଆ ଦଳ ଜମି ରହିବା ଦ୍ୱାରା ଚାଷଜମି ଗୁଡ଼ିକ ଜଳବନ୍ଦୀ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ତେବେ ଏହି ଜଳ ପ୍ଲାବନ ସମସ୍ୟାକୁ ଦୂର କରିବା ଦିଗରେ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧ ଭାବେ ଡ୍ରେଜିଂ କାର୍ଯ୍ୟ କରାଯାଉଛି। ଆବଶ୍ୟକତା ଅନୁସାରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସମସ୍ତ ଉଦ୍ୟମ ଓ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଗୁରୁବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି।

# ଦିଲ୍ଲୀ ହାଇକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ୍ ମନମୋହନ ହେବେ ସୁପ୍ରିମକୋର୍ଟ ବିଚାରପତି



**ନୂଆଦିଲ୍ଲୀ,**

ସୁପ୍ରିମକୋର୍ଟ କଲେଜିୟମ ଦିଲ୍ଲୀ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ରୂପେ ପଦୋନ୍ନତି ଦେବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ପାଞ୍ଚ ସଦସ୍ୟ କଲେଜିୟମର ନିକଟରେ ଅନୁଷ୍ଠିତ ବୈଠକରେ ଏହି ପ୍ରସ୍ତାବ ଗୃହୀତ ହୋଇଛି। ଏହି କଲେଜିୟମର ଅଧ୍ୟକ୍ଷ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖନ୍ନା ଅଛନ୍ତି। ଏହି ପ୍ୟାନେଲରେ ଜଷ୍ଟିସ୍ ବି.ଆର.ଗବଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ହୃଷିକେଶ ରାୟ ଓ ଜଷ୍ଟିସ୍ ଏ.ଏସ୍. ଓକା ସଦସ୍ୟ ଅଛନ୍ତି। କଲେଜିୟମ ଉଚ୍ଚ ନ୍ୟାୟପାଳିକାରେ ବିଚାରପତି ନିଯୁକ୍ତି ଲାଗି ସୁପାରିଶ କରନ୍ତି। ବର୍ତ୍ତମାନ ସୁପ୍ରିମକୋର୍ଟରେ ୩୪ ସ୍ୱୀକୃତ ପଦବୀରେ ୩୨ ଜଣ ବିଚାରପତି ଅଛନ୍ତି। ଯେଉଁଥିରେ ସିଜେଆଇ ମଧ୍ୟ ସାମିଲ। ଜଷ୍ଟିସ୍ ହେମା କୋହଲୀ ଓ ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୂଡ଼ ଅବସର ନେବା ପରେ ସୁପ୍ରିମକୋର୍ଟରେ ଜଜ୍ ଙ୍କ ଦୁଇଟି ପଦବୀ ଖାଲି ହୋଇଛି। ଏହି ପଦବୀ ପୂରଣ ନିମନ୍ତେ କଲେଜିୟମ ସୁପାରିଶ କରିଛନ୍ତି। ଜଷ୍ଟିସ୍ ମନମୋହନ(୬୧) ଦିବଙ୍ଗତ ଜଗମୋହନଙ୍କ ପୁଅ। ଜଗମୋହନ ବ୍ୟୁରୋକ୍ରାଟ ଥିଲେ ଓ ପରେ ରାଜନୀତିରେ ପାଦ ରଖିଥିଲେ। ଜଗମୋହନ ଜମ୍ମୁ-କାଶ୍ମୀର ରାଜ୍ୟପାଳ ଓ ଦିଲ୍ଲୀ ଉପରାଜ୍ୟପାଳ ଭାବେ ସେବା ଦେଇଛନ୍ତି। ଜଷ୍ଟିସ୍ ମନମୋହନଙ୍କ ଜନ୍ମ ୧୭ ଡିସେମ୍ବର ୧୯୬୨ରେ ଦିଲ୍ଲୀରେ ହୋଇଥିଲା। ସେ ଦିଲ୍ଲୀ ମଡର୍ଣ୍ଣ ସ୍କୁଲରୁ ତାଙ୍କର ଶିକ୍ଷା ପ୍ରାରମ୍ଭ କରିଥିବା ବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହିନ୍ଦୁ କଲେଜରୁ ଇତିହାସରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୮୭ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଲ ସେଣ୍ଟରରୁ ଆଇନ ପଢିଥିବା ବେଳେ ଅଧିବକ୍ତା ଭାବେ ତାଙ୍କର ପଞ୍ଜିକରଣ କରାଇଥିଲେ। ଜଷ୍ଟିସ୍ ମନମୋହନ ତାଙ୍କ କ୍ୟାରିୟର ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଓକିଲ ରୂପେ ଆରମ୍ଭ କରିଥିଲେ। ସେ ମୁଖ୍ୟତଃ ସିଭିଲ, କ୍ରିମିନାଲ, ସାମ୍ବିଧାନିକ, ଟ୍ୟାକ୍ସ, ମଧ୍ୟସ୍ଥତା, ଟ୍ରେଡମାର୍କ ସେବା ବିବାଦ ମାମଲାରେ ପ୍ରାକ୍ଟିସ କରୁଥିଲେ। ସେ ଭାରତ ସରକାରଙ୍କ ନିମନ୍ତେ ପ୍ୟାନେଲ ଅଧିବକ୍ତା ରୂପେ ମଧ୍ୟ ସେବା ଦେଇଛନ୍ତି। ୧୩ ମାର୍ଚ୍ଚ ୨୦୦୮ ମସିହାରେ ସେ ଦିଲ୍ଲୀ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତି ପାଇଥିଲେ। ୧୭ ଡିସେମ୍ବର ୨୦୦୯ ମସିହାରେ ସେ ସ୍ଥାୟୀ ଜଜ୍ ଭାବେ କାମ କରିବା ଆରମ୍ଭ କରିଥିଲେ। ସେ ଅତିରିକ୍ତ ବିଚାରପତି ନିଯୁକ୍ତି କାଳରେ ବରିଷ୍ଠ ଅଧିବକ୍ତା ଥିଲେ। ଗତ ସେପ୍ଟେମ୍ବର ୨୯ ତାରିଖରେ ଦିଲ୍ଲୀ ହାଇକୋର୍ଟର ୩୨ତମ ମୁଖ୍ୟ ବିଚାରପତି ଭାବେ ପଦ ଓ ଗୋପନିୟତାର ଶପଥ ପାଠ କରିଥିଲେ।

## ହାଇଦ୍ରାବାଦ ଚିଡ଼ିଆଖାନା-ନନ୍ଦନକାନନ ଜନ୍ତୁ ଅଦଳବଦଳ

# ପ୍ରଥମ ପର୍ଯ୍ୟାୟରେ ଆସିଲେ୧୦ ପ୍ରଜାତିର ୨୬ ଜୀବଜନ୍ତୁ

**ବାରଙ୍ଗ,୨୬/୧୧ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ନେହେରୁ ପ୍ରାଣୀଉଦ୍ୟାନ ହାଇଦ୍ରାବାଦ ସହିତ ଜନ୍ତୁ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ନେହେରୁ ପ୍ରାଣୀ ଉଦ୍ୟାନରୁ ଏକ ୧୭ ଜଣିଆ ଦଳ ପ୍ରଥମ ପର୍ଯ୍ୟାୟରେ ୧୦ ପ୍ରଜାତିର ୨୬ ଜୀବଜନ୍ତୁ ନେଇ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପହଞ୍ଚିଛନ୍ତି। ଜୀବଜନ୍ତୁଙ୍କ ମଧ୍ୟରେ ରହିଛି ୨ଟି ସାରସ ପକ୍ଷୀ, ୨ଟି ଚାମୁଚ ଥଣ୍ଡିଆ ବଗ, ୨ଟି ଧୂସର ଜଙ୍ଗଲି କୁକୁଡ଼ା, ଦୁଇଟି ମାଈ ଆମେରିକା ଏଣ୍ଡୁଅ, ୪ଟି ବାରବେରୀ କପୋତ, ୪ଟି କୁଜି ହରିଣ, ହଳେ





ଗୁରାଣ୍ଡି, ହଳେ ନାଲିବୋଡ଼ା, ହଳେ ବାଲି ବୋଡ଼ା, ୨ଟି ଅଣ୍ଡିରା ବନେଟ ମାଙ୍କଡ଼, ୨ଟି ଚନ୍ଦନ ବୋଡ଼ା। ପ୍ରାଣୀ ଚିକିତ୍ସକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ନନ୍ଦନକାନନର ନୂଆ କ୍ୱାରେଣ୍ଟାଇନ ସେଣ୍ଟରରେ ଏମାନଙ୍କୁ ରଖାଯାଇଛି। ପ୍ରାୟ ୧ ମାସ ଏଠାରେ ରହିବା ପରେ ସମସ୍ତଙ୍କୁ ଖୁଆଡ଼ରେ ଛଡ଼ାଯିବ। ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନ ପ୍ରାଣୀଉଦ୍ୟାନରୁ ହାଇଦ୍ରାବାଦ ଚିଡ଼ିଆଖାନାକୁ ୪ ପ୍ରଜାତିର ୧୩ ଜୀବଜନ୍ତୁ ପଠାଯାଇଛି। ଏଥିରେ ରହିଛି ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ସିଆମିଜ କୁମ୍ଭୀର, ୪ଟି ସୁନେଲି ଫିଜାଣ୍ଟ, ୨ଟି ଲେଡ଼ି ଆମରସେଟ ଫିଜାଣ୍ଟ, ୨ଟି କୁଜି ହରିଣ ବୋଲି ସୂଚନା ଦେଇଛନ୍ତି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥକୁମାର ନାରାୟଣ। ଦ୍ୱିତୀୟ ପର୍ଯ୍ୟାୟ ଜନ୍ତୁ ଅଦଳ ବଦଳ ପ୍ରକ୍ରିୟାରେ ୨ ବନେଟ ମାଙ୍କଡ଼ ଆସିବ। ଦୁଇ ହଳ ଗେଣ୍ଡାଳିଆ, ୪ ଆସାମୀ ମାଙ୍କଡ଼ ଦିଆଯିବ ବୋଲି ନନ୍ଦନକାନନ ପ୍ରାଣୀଉଦ୍ୟାନ ସୂତ୍ରରୁ ଜଣାପଡ଼ିଛି।

## ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡାରେ ବିଶ୍ୱ ମଧୁମେହ ଦିବସ ପାଳନ

# କଳା ଏବଂ ସଂସ୍କୃତି କ୍ଷେତ୍ରରେ ବେଦାନ୍ତର ସାମାଜିକ ହସ୍ତକ୍ଷେପ

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ଆଲୁମିନିୟମର ବୃହତ୍ତମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଝାରସୁଗୁଡାର ଗ୍ରାମଗୁଡିକରେ ବିଶ୍ୱ ମଧୁମେହ ଦିବସ ପାଳନ କରିଥିଲା। "ବ୍ରେକିଙ୍ଗ୍ ବ୍ୟାରିୟରସ୍?, ବ୍ରିଜଙ୍ଗ ଗ୍ୟାପ୍ସ" ଥିମ୍ ସହିତ ସଜ୍ଜିତ ଏହି ସ୍ୱାସ୍ଥ୍ୟ ଅଭିଯାନ ମଧୁମେହ, ଏହାର ପ୍ରତିରୋଧ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଶୀଘ୍ର ଚିହ୍ନଟ କରିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲା। ଭୁର୍କାମୁଣ୍ଡାର ୨୦୦ରୁ ଅଧିକ ବାସିନ୍ଦା ସ୍ୱାସ୍ଥ୍ୟ ଅଭିଯାନରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ଆକଳନ କରିବା ଏବଂ ସମ୍ଭାବ୍ୟ ବିପଦଗୁଡିକ ଚିହ୍ନଟ କରିବା ପାଇଁ ରେଣ୍ଡମ୍ ବ୍ଲଡ୍ ସୁଗାର (ଆରବିଏସ୍) ପରୀକ୍ଷା କରାଯାଇଥିଲା। ମାଗଣା ମୂଲ୍ୟ ପରୀକ୍ଷା, ପରାମର୍ଶ ସହିତ ଏହି ପଦକ୍ଷେପର ମୂଳଦୁଆ ଗଠନ କରି ଲୋକଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ପରିଚାଳନା ଦିଗରେ ସକ୍ରିୟ ପଦକ୍ଷେପ ନେବାକୁ ସାହାଯ୍ୟ କଲା। ଝାରସୁଗୁଡାର ଅଣ କମ୍ୟୁନିକେବଲ୍ ରୋଗ ବିଭାଗର ମୁଖ୍ୟ ଡକ୍ଟର ଦୋଳମଣି ପଟେଲ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗୁରୁତ୍ୱାରୋପ କରି କହିଛନ୍ତି, "ମଧୁମେହ ଆଜି ସାଧାରଣ ଜନତାଙ୍କ ମଧ୍ୟରେ ସବୁଠାରୁ ଏକ ମରାତ୍ମକ ରୋଗ। ଏହି ପରି ପଦକ୍ଷେପ ମାଧ୍ୟମରେ, ଆମେ ଏହି ଅବସ୍ଥାକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ଏବଂ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଜ୍ଞାନ ଏବଂ ଉପକରଣ ସହିତ ସମ୍ପ୍ରଦାୟକୁ ସଶକ୍ତ କରିପାରିବା।" ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା, ସମ୍ପ୍ରଦାୟର କଲ୍ୟାଣ ପାଇଁ କମ୍ପାନୀର ପ୍ରତିବଦ୍ଧତା ବିଷୟରେ କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ ଏକ ସୁସ୍ଥ ସମ୍ପ୍ରଦାୟ ଏକ ସମୃଦ୍ଧ ସମାଜର ମୂଳଦୁଆ ଅଟେ। ଆମେ ଓଡିଶାର ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା ବୃଦ୍ଧି ତଥା ମଧୁମେହ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ଉପରେ ସଚେତନତା ପାଇଁ ଉତ୍ସର୍ଗୀକୃତ। ଆମର ନିରନ୍ତର ପ୍ରୟାସ ମାଧ୍ୟମରେ, ଆମେ ଆମର କାର୍ଯ୍ୟକଳାପକୁ ନେଇ ସମ୍ପ୍ରଦାୟର ଜୀବନକୁ ସକରାତ୍ମକ ଭାବରେ ପ୍ରଭାବିତ କରିବାକୁ ଲକ୍ଷ୍ୟ ରଖିଛୁ।" ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ବେଦାନ୍ତ ଆଲୁମିନିୟମ୍‌ଙ୍କ ସହଭାଗିତା ଏବଂ ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣ ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା କରିବାରେ ସମ୍ପ୍ରଦାୟର ଯୋଗଦାନର ଶକ୍ତି ପ୍ରଦର୍ଶନ କରେ। ଏହି ବିଶ୍ୱ ମଧୁମେହ ଦିବସ ପଦକ୍ଷେପ କେବଳ ଏହି ଇଭେଂଟ ଭାବରେ କାର୍ଯ୍ୟ କରିନଥିଲା ବରଂ ସ୍ଥାନୀୟ ସମ୍ପ୍ରଦାୟର ହିତ ପାଇଁ ଚାଲିଥିବା ସ୍ୱାସ୍ଥ୍ୟସେବା ପଦକ୍ଷେପ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଦକ୍ଷତା ବିକାଶ, ତୃଣମୂଳ କ୍ରୀଡା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ବେଦାନ୍ତର ସାମାଜିକ ହସ୍ତକ୍ଷେପ, ମହିଳା ଏବଂ ଶିଶୁ ବିକାଶ ଉପରେ ଧ୍ୟାନ ଦେଇ ଝାରସୁଗୁଡା ଏବଂ ନିକଟବର୍ତ୍ତୀ ଅଞ୍ଚଳର ପ୍ରାୟ ୮୦ ଟି ଗ୍ରାମରେ ପହଂଚି ୩ ଲକ୍ଷରୁ ଅଧିକ ଲୋକଙ୍କୁ ଉପକୃତ କରିଛି। ଗୋଟିଏ ବର୍ଷ ଏହା ୩୫୦ ରୁ ଅଧିକ ଏସଏଚଜିରୁ ପ୍ରାୟ ୫୦୦୦ ମହିଳାଙ୍କୁ ସଶକ୍ତ କରିଛି, ବାର୍ଷିକ ପ୍ରାୟ ୫୦,୦୦୦ ଲୋକଙ୍କୁ ଦ୍ୱାର ଦେଶରେ ସ୍ୱାସ୍ଥ୍ୟ ସେବା ଯୋଗାଇଥାଏ, ୧୩,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ ସହାୟତା ପ୍ରଦାନ କରିଥାଏ, ସମ୍ପ୍ରଦାୟ ସ୍ତରରେ ସ୍ଥାନୀୟ ଲୋକଙ୍କ ସହଭାଗିତାରେ ପ୍ରାୟ ୧.୫୦ ଲକ୍ଷ ଗଛ ଲଗାଇଥିଲା। ବେଦାନ୍ତ ଲିମିଟେଡର ବ୍ୟବସାୟ ବେଦାନ୍ତ ଆଲୁମିନିୟମ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ, ଯାହା ଭାରତର ଅଧାରୁ ଅଧିକ ଆଲୁମିନିୟମ ଅର୍ଥାତ୍ ଆର୍ଥିକ ବର୍ଷ୨୪ ରେ ୨.୩୭ ମିଲିୟନ ଟନ୍ ଉତ୍ପାଦନ କରିଛି।



## ଜିଲ୍ଲାଭିତ୍ତିକ ନିଯୁକ୍ତି କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ କରିବାକୁ କଂଗ୍ରେସର ଦାବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବେକାର ଯୁବକ ଯୁବତୀଙ୍କ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାର ଜିଲ୍ଲାଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ବିଜେପି ବିଧାୟକ ଆକାଶ ଦାସ ନାୟକ ଯାଜପୁର ଜିଲ୍ଲାର ବ୍ୟାସନଗରକୁ ସବ୍‌ଡିଭିଜନ ଭାବେ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ବିଜେପି ବିଧାୟକ ସନାତନ ବିଜୁଳି ବାଲାଂଦେଶୀ ଅନୁପ୍ରବେଶକାରୀ ଓଡ଼ିଶାରେ ଗୁରୁତର ସମସ୍ୟା ସୃଷ୍ଟି କଲେଣି ବୋଲି ଉଲ୍ଲେଖ କରିବା ସହ ଏଥିପାଇଁ ରାଜ୍ୟରେ ଅପରାଧ ଓ ଅରାଜକତା ବଢୁଥିବା କହିଥିଲେ। ବିଜେଡ଼ି ବିଧାୟକ ଶ୍ରୀ ଯୋଗେଶ ସିଂ ନିକଟରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ୍ କରିଥିବା ଘୋଷଣା ନେଇ ଦୁଃଖପ୍ରକାଶ କରିଥିଲେ ଏବଂ ଏହା ଓଡ଼ିଶାକୁ ଭାଗ ଭାଗ କରିବାକୁ ଉଦ୍ୟମ ବୋଲି କହି ନିନ୍ଦା କରିଥିଲେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତ୍ତି ରଖିବା ଉଚିତ ବୋଲି ସେ କହିଥିଲେ। ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ଅନୁରୂପ ଭାବେ ଦାବି ଉଠାଇଥିଲେ। ବିଜେଡ଼ି ବିଧାୟକ ଶ୍ରୀ ସାରଦା ପ୍ରସାଦ ଜେନା ଇଷ୍ଟକୋଷ୍ଟ ରେଳବାଇର କ୍ଷମତାକୁ ସଙ୍କୁଚିତ କରିବା ପାଇଁ ୱାଲଟିୟର ଡିଭିଜନକୁ ଏଥିରୁ ଅଲଗା କରାଯିବାକୁ ହେଉଥିବା ଉଦ୍ୟମ ନେଇ ଉଦବେଗ ପ୍ରକାଶ କରିଥିଲେ ଏବଂ ସରକାର ଏ ଦିଗରେ ପଦକ୍ଷେପ ନେବା ସହ ଏଭଳି ଉଦ୍ୟମରୁ ବିରତ ରହିବାକୁ ନିବେଦନ କରିଥିଲେ। ବିଜେଡ଼ି ବିଧାୟକ ଶ୍ରୀ ଗୌତମବୁଦ୍ଧ ଦାସ ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ନିଷ୍ପତ୍ତି ନିଆଯିବା ଦରକାର ବୋଲି କହିଥିଲେ।

# ଜିଲ୍ଲା ସ୍ତରୀୟ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ





**ଗଜପତି, ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ମାଛମରା। ଗ୍ରାମପଞ୍ଚାୟତର ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ କୃଷକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ତୁଷାର ରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ବିଦ୍ୟୁତ ଶେଖର ମିଶ୍ର ଯୋଗ ଦେଇ ଥିବା ବେଳେ ଡକ୍ଟର ପ୍ରଭଞ୍ଜନ କୁମାର ପ୍ରଧାନ, ଉଞ୍ଜଉ ଡକ୍ଟର ସାଇ ସନ୍ଦୀପ ଠଇଝ ଓ ମାଛମରା ସରପଞ୍ଚ ତ୍ରିପତି ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଏହିକାର୍ଯ୍ୟକ୍ରମରେ ୨୦ ରୁ ଉର୍ଦ୍ଧ୍ୱ ଗୋ ପାଳକ ଚାଷୀ ପ୍ରଶିକ୍ଷଣ ନେଇଥିଲେ। ୨୮ ନଭେମ୍ବର ୨୦୨୪ ରୁ ୩୦ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ୍ଧ୍ୟାଦୋଷ ନିରାକରଣ, ଘାସ ଚାଷ, କୃମି ନାଶକ ଓ ଔଷଧ ସେବନ ପ୍ରଣାଳୀ,ଥନ ହରା ରୋଗ ନିରାକରଣ ଉପରେ ବିସ୍ତୃତ ଆଲୋଚନା ହୋଇ ଥିବା ବେଳେ ଚାଷୀଙ୍କ ପ୍ରଶ୍ନ ଉତ୍ତରକୁ ବିଭାଗୀୟ ଅଧିକାରୀ ମାନେ ବୁଝାଇ ଥିଲେ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏଲ ଆଇ ପି. ଶ୍ରୀନିବାସ ରାଓ, ସନମୁଖୀ ପାଲକା ଏଲ ଆଇ, ପ୍ରୀତି ନିହାରି ଏଲ ଆଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତ୍ୱରିତ ବିଚାର...

କାହାଣୀ। ବିଗତ ୨୪ ବର୍ଷ ଶାସନ ଭିତରେ ରାଜ୍ୟରେ ଅପରାଧ ପ୍ରବଣତାକୁ ବଢାଯାଇଥିଲା। ମାତ୍ର ବର୍ତ୍ତମାନର ମୋହନ ମାଝୀ ସରକାର ସେଭଳି ହେବାକୁ ଦେବେନାହିଁ। ମହିଳା ଅପରାଧ ଜନିତ ମାମଲାର ତ୍ୱରିତ ବିଚାର ପାଇଁ ରାଜ୍ୟରେ ଚାରୋଟି ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଇନମନ୍ତ୍ରୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଫାଷ୍ଟଟ୍ରାକ କୋର୍ଟରେ ମହିଳା ବିଚାରପତିଙ୍କ ଇଜାଲସରେ ମହିଳା ଜନିତ ମାମଲାର ବିଚାର ପାଇଁ ବ୍ୟବସ୍ଥା କରିବା ଦିଗରେ ଚିନ୍ତା କରାଯାଉଛି। ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ସେ କହିଥିଲେ। ଆଇନମନ୍ତ୍ରୀ କହିଥିଲେ ଯେ, ଗତ କିଛିଦିନ ମଧ୍ୟରେ କଟକ, ବାରଙ୍ଗ, ରାଉରକେଲା, ରଣପୁର, କୁଚିଣ୍ଡା, ବଲାଙ୍ଗୀର, ବାଲେଶ୍ୱର ଆଦି କେତେକ ସ୍ଥାନରେ ଯେଉଁ ମହିଳା ଜନିତ ମାମଲା ଘଟିଥିଲା, ସେ ସବୁରେ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି ଏବଂ ଅପରାଧୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବର୍ତ୍ତମାନ ସରକାରଙ୍କ ସମୟ ମଧ୍ୟରେ ୩୯୯୪ ମହିଳା ଜନିତ ମାମଲା ପଞ୍ଜିକରଣ କରାଯାଇଥିବା ବେଳେ ସେଥିରୁ ୧୬୭୦ଟି ମାମଲାରେ ଚାର୍ଜସିଟ ହୋଇଛି ଏବଂ ୯୮ ମାମଲାରେ ଫାଇନାଲ ରିପୋର୍ଟ କରାଯାଇଛି। ଆମ ସରକାର ରିମୋର୍ଟ କଣ୍ଟ୍ରୋଲ ଦିଲ୍ଲୀରେ ନାହିଁ, ଏଇଠି ଅଛି, ଆମ ପାଖରେ ଅଛି ବୋଲି ଆଇନମନ୍ତ୍ରୀ କହିଥିଲେ। ଆଇନ ମନ୍ତ୍ରୀଙ୍କ ଉତ୍ତର ପରେ ମୁଲତବୀ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଥିଲା।

### ଉଭୟ ଦଳ...

ନାଲକୋ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିମାନବନ୍ଦରରୁ ଓହ୍ଲାଇବା ପରେ ପ୍ରଧାନମନ୍ତ୍ରୀ ସେଠାରୁ ସିଧାସଳଖ ରାଜଭବନ ଅଭିମୁଖେ ଯିବେ। ରାଜଭବନରେ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ରହିବେ। ଏହାପରେ ୬ଟା ୨୦ରୁ ରାଜଭବନରୁ ବାହାରି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯିବେ। ସେଠାରେ ଦଳୀୟ ବିଧାୟକ, ମନ୍ତ୍ରୀ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସାଂସଦମାନଙ୍କ ସହ ବୈଠକ କରିବେ। ଏହି ଅବସରରେ ସେ ଉଭୟ ଦଳ ଓ ସରକାରୀ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିବେ। ୭ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ସେଠାରେ ରାତ୍ରିଭୋଜନ କରିବେ। ୮ଟା ୩୦ରେ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ୮ଟା ୪୫ରେ ରାଜଭବନରେ ପହଞ୍ଚିବେ ଏବଂ ସେଠାରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ପରଦିନ ଅର୍ଥାତ୍ ନଭେମ୍ବର ୩୦ ତାରିଖ ପୂର୍ବାହ୍ନ ୮ଟା ୩୦ରେ ରାଜଭବନରୁ ବାହାରି ସିଧାସଳଖ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ଡିଜିପି ସମ୍ମିଳନୀରେ ଯୋଗଦେବେ। ସେଠାରେ ସେ ରାତି ୮ଟା ପର୍ଯ୍ୟନ୍ତ ରହିବେ। ଏହାପରେ ପ୍ରଧାନମନ୍ତ୍ରୀ ରାତି ୮ଟାରେ ସିଧାସଳଖ ରାଜଭବନ ଯିବେ। ସେହିପରି ଡିସେମ୍ବର ୧ ତାରିଖ ପୂର୍ବାହ୍ନ ୮ଟା ୨୫ରେ ରାଜଭବନରୁ ବାହାରି ୮ଟା ୩୦ରେ ଡିଜିପି ସମ୍ମିଳନୀରେ ଯୋଗଦେବେ। ଅପରାହ୍ନ ୪ଟା ୧୫ ପର୍ଯ୍ୟନ୍ତ କନ୍‌ଭେନସନ ସେଣ୍ଟରଠାରେ ରହିବେ। ଏହାପରେ ଅପରାହ୍ନ ୪ଟା ୩୦ରେ ସେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

**NOTICE INVITING TENDER** C-1118
**OFFICE OF THE NOTIFIED AREA COUNCIL, RANPUR**
**NAYAGARH(ODISHA).PIN-752026**
**e-Mail: eoranpurnac.ranpur@gmail.com**
**Tender Call Notice No. 4223 Dt.27.11.2024**
**E- Procurement Notice No.: RNP NAC- 03/2024-25**

| | | | |
|---|---|---|---|
| 1 | Name of the Work | : | Individual Civil Construction Works as per DTCN |
| 2 | No. of Works | : | 12 Nos. |
| 3 | Value of Work | : | Rs.3,21,440/- to Rs.16,71,186/- |
| 4 | Class of Contractor | : | "D" & "C" |
| 5 | Period of Completion : | : | As Per DTCN |
| 6 | Date of Publication | : | 28.11.2024 |
| 7 | Date and Time of availability of document in the portal | : | From Dt.30.11.2024 at 11 AM to Dt. 10.12.2024 upto 5 PM |
| 8 | Last Date Time for receipt of bids in portal | : | Dt.10.12.2024 up to 5 PM. |
| 9 | Date and Time of opening Bid | : | Dt. 11.12.2024 at 11.30 AM. |
| | Name and address of the officer inviting bid | | Sd/- Executive officer. NAC Ranpur |

**Further details can be seen from e-Procurement portal https://tendersodisha.gov.in** OIPR-13196/11/0008/2425

ଭୁବନେଶ୍ୱର
୨୯ ନଭେମ୍ବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀଲିଙ୍ଗରାଜଙ୍କ ଓଢ଼ଣ ନୀତି ନେଇ ଅନିଶ୍ଚିତତା

## ସମାଧାନ ଅପେକ୍ଷାରେ ଅଧିବାସ ପୂଜା ଦ୍ୱନ୍ଦ୍ୱ

**ଭୁବନେଶ୍ୱର ୨୮/୧୧ ନ୍ୟୁଜ ବ୍ୟୁରୋ**
ଆସନ୍ତା ୭ ତାରିଖ ପବିତ୍ର ମାର୍ଗଶୀର ଶୁକ୍ଳ ଷଷ୍ଠୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଅନୁଷ୍ଠିତ ହେବ ଓଢଣ ଷଷ୍ଠୀ ନୀତି । ଠାକୁରଙ୍କ ଚତୁର୍ଦ୍ଦଶ ପୂଜା ନୀତି ମଧ୍ୟରୁ ଏହା ଅନ୍ୟତମ । ଏହି ଦିନ ଠାରୁ ଶ୍ରୀଜୀଉ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ଶ୍ରୀଅଙ୍ଗରେ ଶୀତବସ୍ତ୍ର ପରିଧାନ କରିବେ । କିନ୍ତୁ ଏଥର ଏହି ନୀତି ଅନିଶ୍ଚିତତାରେ ରହିଛି । ଗତ ବର୍ଷ ଏହି ନୀତି ବେଳେ ଅଧିବାସ ପୂଜାରେ ଦ୍ୱନ୍ଦ୍ୱ ଉପୁଜିଥିଲା । ତେଣୁ ଏଥର ଯଦି ଅଧିବାସ ପୂଜା ନ କରାଯାଏ ତା'ହେଲେ ପୂଜାପଣ୍ଡା ନିଯୋଗ ସେଇ ଦିନର ନୀତିରେ ସହଯୋଗ କରିବ ନାହିଁ ବୋଲି ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏହି ପ୍ରସଙ୍ଗରେ ମନ୍ଦିର କାର୍ଯ୍ୟାଳୟ ତରଫରୁ ୩ ପ୍ରମୁଖ ନିଯୋଗ (ବ୍ରାହ୍ମଣ, ପୂଜାପଣ୍ଡା ଏବଂ ବଢ଼ୁ) ପ୍ରତିନିଧିଙ୍କ ସହ ଏକ ବୈଠକ ଡକାଯାଇଛି । ବୈଠକର ନିଷ୍ପତ୍ତି



ନିର୍ଣ୍ଣୟ କରିବ ଚଳିତ ବର୍ଷର ଓଢଣ ଷଷ୍ଠୀ ନୀତି। ଅନ୍ୟପଟେ ମନ୍ଦିର କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ ଦର୍ଜୀ ସେବାୟତ ବଳରାମ ମହାରଣା ଠାକୁରଙ୍କ ସମେତ ଅନ୍ୟାନ୍ୟ ଦେବାଦେବୀଙ୍କ ନିମନ୍ତେ ଓଢଣ (ଶୀତବସ୍ତ୍ର) ସିଲାଇ କରି ରଖିଛନ୍ତି । ବଳରାମ କହିଛନ୍ତି 'ମୁଁ ଶ୍ରୀଲିଙ୍ଗରାଜଙ୍କ ପାଇଁ ମନ୍ଦିର କାର୍ଯ୍ୟାଳୟ ତରଫରୁ ଖଣ୍ଡେ ଓ ମାନସିକଧାରୀଙ୍କ ପକ୍ଷରୁ ଆଉ ୪ଟି ଓଢଣ ତିଆରି କରି ରଖିଛି । ଏଥିସହିତ ପାର୍ବତୀ, ଗୋପାଳୁଣୀ, ସାବିତ୍ରୀ, ନୃସିଂହ, ଗଣେଶ, କାର୍ତ୍ତିକେଶ୍ୱର, ନାରାୟଣ, ଚଣ୍ଡେଶ୍ୱର, ବିନ୍ଧ୍ୟବାସିନୀ, କେଦାରେଶ୍ୱର, ଡାକରାବିଭୀଷଣେଶ୍ୱର, ବାସୁଦେବ ଏବଂ ବୃଷଭଙ୍କ ପାଇଁ ଖଣ୍ଡିଏ ଲେଖାଏଁ ଓଢଣ ସେ ତିଆରକରି ରଖିଥିବା ବଳରାମ କହିଛନ୍ତି । ଦକ୍ଷିଣେଶ୍ୱରଙ୍କ ଠାରେ ୬ ମୂର୍ତ୍ତିଙ୍କ ପାଇଁ ବି କାମ ସରିଛି । ଏକାମ୍ର, ଗୌରୀ, ମୁକ୍ତେଶ୍ୱର, ଭାସ୍କରେଶ୍ୱର, ଭୀମେଶ୍ୱର, ବ୍ରହ୍ମେଶ୍ୱର, କପିଳେଶ୍ୱର ଓ ଅନ୍ୟାନ୍ୟ ମନ୍ଦିର ନିମନ୍ତେ ଘୋଡ ବା ଓଢଣ ମଧ୍ୟ ସିଲାଇ କରି ରଖିଛି ବୋଲି ସେ କହିଛନ୍ତି।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ଆଇଏନ୍ଏସ୍ ଚିଲିକାର କମାଣ୍ଡିଂ ଅଫିସର କମାଣ୍ଡର ଦୀପକ ଅନିଲ। (ଫଟୋ ସମ୍ବାଦ କଳିକା)

# ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ପ୍ରସ୍ତୁତିର ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୮/୧୧ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକସେବା ଭବନ କନଭେନସନ୍ ସେଣ୍ଟର ଏବଂ ରାଜ୍ୟ ଅତିଥି ଭବନରେ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜି । ଶୁକ୍ରବାର ଠାରୁ ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ସାମିଲ ହେବେ ସବୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ ।

## ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଲେ ହାଇକୋର୍ଟ

# 'ପ୍ରତି ଜିଲ୍ଲାରେ ମୁକ୍ତାକାଶ ଜେଲ୍ ତିଆରି କର'

**ଭୁବନେଶ୍ୱର, ୨୮/୧୧ ନ୍ୟୁଜ ବ୍ୟୁରୋ**
ଜେଲ୍ ସଂସ୍କାର ସମ୍ପର୍କିତ ମାମଲାରେ ରାଜ୍ୟ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି ହାଇକୋର୍ଟ। ପ୍ରତି ଜିଲ୍ଲାରେ ମୁକ୍ତାକାଶ ଜେଲ୍ ତିଆରି କରିବା ପାଇଁ ଗୁରୁବାର ଶୁଣାଣି ବେଳେ କୋର୍ଟ ଏହା କହିଛନ୍ତି। ରାଜ୍ୟର ସମସ୍ତ କଏଦୀଙ୍କ ଏଆଇ ସଂଯୋଗିକୃତ ୱେବ




ବେସଡ ଡାଟା ତିଆରି ପାଇଁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏ ନେଇ ସତ୍ୟପାଠ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ବିଭାଗ ଓ ଏନଆଇସି ମଧ୍ୟରେ ଏ ନେଇ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟ ପାଇଁ ଦୁଇ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ବୋଲି କୋର୍ଟଙ୍କୁ ଜଣେଇଛନ୍ତି ରାଜ୍ୟ ସରକାର। ଅନ୍ୟ ରାଜ୍ୟରେ ଥିବା ମୁକ୍ତାକାଶ ଜେଲ ସମ୍ପର୍କରେ ଅନୁଧ୍ୟାନ କରି ଓଡ଼ିଶାରେ ତାହା କିପରି ଲାଗୁ କରାଯାଇ ପାରିବ ସେ ନେଇ ଜେଲ୍ ଡିଜିଙ୍କୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି।

# ଗୁପଚୁପ୍ ଖାଇଲେ ନବୀନ; କହିଲେ 'ୱାନ୍ ମୋର ପ୍ଲିଜ୍'

**ଭୁବନେଶ୍ୱର, ୨୮/୧୧ ନ୍ୟୁଜ ବ୍ୟୁରୋ**
ସମସ୍ତଙ୍କ ପ୍ରିୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଉ ଏକ ଫୁଡ୍ ଟେଷ୍ଟ କରିବାର ଭିଡିଓ ଏବେ ଭାଇରାଲ ହେଉଛି । ଏକ ଭୋଜିରେ ଯୋଗ ଦେବା ଅବସରରେ ଗୁପ୍‌ଚୁପ୍ ଷ୍ଟଲକୁ ଯାଇଥିଲେ । ମାଗି ଖାଇଥିଲେ, ଭଲ ଲାଗିବାରୁ କହିଲେ 'ୱାନ୍ ମୋର ପ୍ଲିଜ୍' । କିଛି କିଛି ସମୟରେ ନବୀନଙ୍କ ନିର୍ଦ୍ଦିଷ୍ଟ ଖାଦ୍ୟକୁ ନେଇ ପ୍ରଶଂସା ରାଜ୍ୟବାସୀଙ୍କୁ ଖୁବ୍ ପସନ୍ଦ ଆସିଛି । କେତେବେଳେ ପଖାଳର ମଜା ନେବାବେଳେ ତ କେତେବେଳେ ମିଠା ଦହି ଖାଇବାର ଦୃଶ୍ୟ ଭାଇରାଲ ହୋଇଥାଏ । ପୂର୍ବରୁ ନବୀନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଯାଇ ସେଠାରେ ଲୋକଙ୍କୁ ନିଜେ ଖାଦ୍ୟ ପରଷିବା ଓ ନିଜେ ସେହି ଖାଦ୍ୟକୁ ଖାଉଥିବାର ଦେଖିବାକୁ ମିଳିଥିଲା । ଖାଲି ସେତିକି ନୁହେଁ କଟକର ଏକ ଡାଏରୀ ଫାର୍ମ ଉଦ୍‌ଘାଟନ କରିବାକୁ ଯାଇ ସେଠାରେ ମିଠା ଦହି ଖାଇଥିଲେ । କହିଥିଲେ, 'ବହୁତ ଭଲ ଲାଗିଲା, ମୁଁ ଏହାକୁ ନିଶ୍ଚୟ ଅର୍ଡର କରିବି' । ଇଫତାର ପାର୍ଟିରେ ବି ନବୀନଙ୍କୁ ଦେଖିବାକୁ ମିଳିଥିଲା । ରାଜଧାନୀର ଏକ ଇଫତାର ପାର୍ଟିରେ



ଯୋଗ ଦେଇଥିଲେ ନବୀନ। ସେଠାରେ ତାଙ୍କୁ ଭଲ ଲାଗିଥିଲା ବିରିୟାନୀ ଓ କବାବ । ତାଙ୍କର ଖାଦ୍ୟ ମିଜାଜ ବିଭିନ୍ନ ସମୟରେ ଖବର ସାଉଁଟିଛି ।

# ଗତ ୫ ବର୍ଷରେ ରାଜ୍ୟରେ ୨୨ କୋଇଲା ଖଣି ଆବଣ୍ଟନ କରାଯାଇଛି : ମନ୍ତ୍ରୀ

**ଭୁବନେଶ୍ୱର, ୨୮/୧୧ ନ୍ୟୁଜ ବ୍ୟୁରୋ**
ବିଗତ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ୨୨ ଗୋଟି କୋଇଲା ଖଣିଜ ବ୍ଲକ ଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ଆବଣ୍ଟନ କରାଯାଇଛି। ରାଜ୍ୟ ସରକାର ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶାର ୪ ଗୋଟି ମାଙ୍ଗାନିଜ ଖଣିଜ ବ୍ଲକକୁ ନିଲାମ ପ୍ରକ୍ରିୟା ମାଧ୍ୟମରେ ଆବଣ୍ଟନ କରିଛନ୍ତି ବୋଲି ଗୁରୁବାର ବିଧାନସଭାରେ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ପ୍ରଶ୍ନୋତ୍ତର କାଳରେ ବିଜେପି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ରଙ୍କ ଏ ସମ୍ପର୍କିତ ମୂଳ ପ୍ରଶ୍ନ ଏବଂ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏବଂ ବିଧାୟକ ସନ୍ତୋଷ ଖଟୁଆଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ଖଣି ପିଛା ଯେତେ ପ୍ରିମିୟମରେ ନିଲାମ କରାଯାଉଛି, ସେହି ନିଲାମ ଅର୍ଥ ରାଜ୍ୟ ସରକାରଙ୍କ ରାଜସ୍ୱ ଅଟେ। ନିଲାମ ପ୍ରକ୍ରିୟାରେ ଦିଆଯାଇଥିବା ଖଣି ମଧ୍ୟରୁ ଅଦ୍ୟାବଧି ଓଡ଼ିଶା ରାଜ୍ୟରେ ଦୁଇଟି କୋଇଲା ଖଣି ଓ ଦୁଇଟି ମାଙ୍ଗାନିଜ ଖଣି କାର୍ଯ୍ୟରତ ରହିଛି। ଖଣିଗୁଡ଼ିକ ନିୟମ ଅନୁଯାୟୀ ସମ୍ପୃକ୍ତ ଖଣିର ପରିବେଶ ମଞ୍ଜୁରୀରେ ଧାର୍ଯ୍ୟ ହୋଇଥିବା ଅନୁମୋଦନ ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ କରିବା କଥା। ତଦନୁଯାୟୀ ରାଜ୍ୟରେ ନିଲାମ ପ୍ରକ୍ରିୟାରେ ଅଦ୍ୟାବଧି କାର୍ଯ୍ୟରତ କୋଇଲା ଖଣିଗୁଡ଼ିକରୁ ୨୦୨୨-୨୩ ବର୍ଷରେ ୬୯୩୩୯୫.୫୧ ମେଟ୍ରିକ ଟନ୍, ୨୦୨୩-୨୪ ବର୍ଷରେ ୩୧୫୨୬୨୨.୧୨ ମେଟ୍ରିକ ଟନ ଓ ୨୦୨୪-୨୫ ବର୍ଷରେ (ଅକ୍ଟୋବର ସୁଦ୍ଧା) ୩୪୨୪୯୮୬.୯୧ ମେଟ୍ରିକ ଟନ୍ କୋଇଲା ଉତ୍ତୋଳନ ହୋଇଛି। ସେହିପରି ଓଡ଼ିଶାରେ ନିଲାମ ପ୍ରକ୍ରିୟାରେ ଅଦ୍ୟାବଧି କାର୍ଯ୍ୟରତ ମାଙ୍ଗାନିଜ ଖଣିଗୁଡ଼ିକରୁ ୨୦୨୦-୨୧ ବର୍ଷରେ ୧୬୨୦.୩୪ ମେଟ୍ରିକ ଟନ୍, ୨୦୨୧-୨୨ ବର୍ଷରେ ୩୫୫୦ ମେଟ୍ରିକ ଟନ୍, ୨୦୨୨-୨୩ ବର୍ଷରେ ୪୯୮୯.୭୩ ମେଟ୍ରିକ ଟନ, ୨୦୨୩-୨୪ ବର୍ଷରେ ୧୧୭୭୭.୬୫ ମେଟ୍ରିକ ଟନ୍, ୨୦୨୪-୨୫ ବର୍ଷରେ (ଅକ୍ଟୋବର ସୁଦ୍ଧା) ୨୭୪୬୮.୯୪ ମେଟ୍ରିକ ଟନ ମାଙ୍ଗାନିଜ ଖଣିଜ ପଦାର୍ଥ ଉତ୍ତୋଳିତ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।




ଭୁବନେଶ୍ୱର : ସାହିତ୍ୟ ଏକାଡେମି ପକ୍ଷରୁ ବୁଦ୍ଧ ମନ୍ଦିର ସଭାକକ୍ଷରେ ଗୁରୁପ୍ରସାଦ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଆୟୋଜିତ ସଭାରେ ସାହିତ୍ୟ ଏକାଡେମିର ସଚିବ କେ. ଶ୍ରୀନିବାସ ରାଓ ଅଭିଭାଷଣ ଦେଉଛନ୍ତି। ମଞ୍ଚାସିନ ଅଛନ୍ତି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସ, ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା, କବି ଭଗବାନ ଜୟସିଂହ, ମାଧବ କୌଶିକ୍, ପବିତ୍ର ମୋହନ କର ଏବଂ ପ୍ରିୟଦର୍ଶିନୀ ମହାନ୍ତି । (ଫଟୋ : ସମ୍ବାଦ କଳିକା)

# ରାଜଧାନୀରେ ସେକ୍ସ ରାକେଟ ଠାବ : ୪ ଯୁବତୀ ଉଦ୍ଧାର

**ଭୁବନେଶ୍ୱର ୨୮/୧୧ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ସେକ୍ସ ରାକେଟ ଠାବ । ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଭଡା ଘରେ ସେକ୍ସ ରାକେଟ ଠାବ ହୋଇଛି। ୪ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ । ଯୁବତୀମାନେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ପୋଲିସକୁ ମିଳିଥିଲା ସୂଚନା । ଚଢଉ ବେଳେ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରିଛି ପୋଲିସ। ସୂଚନାଥାଉକି, ଖଣ୍ଡଗିରି ଥାନା ଅନ୍ତର୍ଗତ ଏକ ଭଡା ଘରେ ସେକ୍ସ ରାକେଟ୍ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ ଉକ୍ତ ଭଡା ଘରେ ଚଢଉ କରିଥିଲା। ଚଢଉ ବେଳେ ୪ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଉକ୍ତ ଯୁବତୀମାନେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଜଣାପଡ଼ିଛି। ଚଢଉ ବେଳେ ବହୁ ଆପତ୍ତିଜନକ ସାମଗ୍ରୀ ଏବଂ ଏକ ବାଇକ୍ ଜବତ ହୋଇଛି। ଏହି ବାଇକ୍‌ଟି କୌଣସି ଗ୍ରାହକ କିମ୍ବା ଦଲାଲଙ୍କର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ପୋଲିସ ଉକ୍ତ ଯୁବତୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଏହି ରାକେଟ୍‌ରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ସେନେଇ ପୋଲିସ ଖୋଳତାଡ଼ କରୁଛି।



# ଆତ୍ମସମର୍ପଣ କଲା କ୍ୟାଡର ମାଓବାଦୀ : ମାଓନେତା ଦାଶୁରର ଥିଲା ଅଙ୍ଗ ରକ୍ଷକ

**ଫୁଲବାଣୀ, ୨୮/୧୧ ନ୍ୟୁଜ ବ୍ୟୁରୋ**
ସୁରକ୍ଷା ବାହିନୀର ଲଗାତାର ଚଢ଼ଉ ଫଳରେ କନ୍ଧମାଳ ଜିଲ୍ଲାରେ ମାଓ ଦୁର୍ଗ ଭୁଶୁଡିବାରେ ଲାଗିଛି। ଚଳିତ ବର୍ଷ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ପୁଲିସ ଗୁଳିରେ ଚାରି ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁବାର ଜଣେ ମାଓ କ୍ୟାଡର କନ୍ଧମାଳ ପୁଲିସ ପାଖରେ ଆତ୍ମସମର୍ପଣ କରିଛି। ଆତ୍ମସମର୍ପଣ କରିଥିବା ନକ୍ସଲ ଜଣକ ହେଲା ବିଜା ମାଡଭୀ ଓରଫ ଟିକେସ। ଛତିଶଗଡ଼ ସୁକମା ଜିଲ୍ଲା କିସ୍ତାରାମ ଥାନା ଅନ୍ତର୍ଗତ ମଙ୍ଗଳ ଗୁଡା ଗ୍ରାମର ବିଜା ୨୦୧୮ ମସିହାରୁ ମାଓ ସଙ୍ଗଠନର ଦରବା ଡିଭିଜନରେ ସାମିଲ ହୋଇ ପଶ୍ଚିମ ବସ୍ତର, ମାଦ ଏବଂ ଉତ୍ତର ବସ୍ତର ଅଞ୍ଚଳରେ କାର୍ଯ୍ୟ କରି ଆସୁଥିଲା। ୨୦୨୦ ମସିହାରେ ସେ ଓଡ଼ିଶା



କ୍ୟାଡରକୁ ଆସି ଅଷ୍ଟମ କମ୍ପାନୀ (କାଡାମ ଏରିଆ କମିଟି)ର ସଦସ୍ୟ ଭାବେ ନୂଆପଡା ଅଞ୍ଚଳରେ ସକ୍ରିୟ ରହିଥିଲା। ବର୍ତ୍ତମାନ ସେ କନ୍ଧମାଳ ଜିଲ୍ଲାର ରାହୁଲ ଏରିଆ କମିଟିର ସଦସ୍ୟ। ଗତ ଫେବୃୟାରୀ ମାସରେ ପୁଲିସ ଗୁଳିରେ ନିହତ ହୋଇଥିବା ଦୁର୍ଦ୍ଦାନ୍ତ ମାଓନେତା ଦାଶୁରର ଅଙ୍ଗ ରକ୍ଷକ ବିଜା ଥିଲା ବୋଲି ସୂଚନା ଦେଇଛି ପୁଲିସ। ୨୦୨୦ ମସିହା ସିର୍ଲା, ବାଇବାଲି ସମେତ ୧୦ଟି ଗୁଳି ବିନିମୟ ଘଟଣାରେ ଏହି ମାଓବାଦୀ ଜଣକ ସାମିଲ ଥିଲା ବୋଲି ଗୁରୁବାର ସ୍ଥାନୀୟ ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଡିଆଇଜି ସିଦ୍ଧାର୍ଥ ଷଡ଼ଙ୍ଗୀ। ମାଓ ସଙ୍ଗଠନ ପ୍ରତି ଜନସମର୍ଥନ କ୍ରମାଗତ ଭାବେ ହ୍ରାସ ପାଉଥିବା ସହିତ ସଙ୍ଗଠନ ଭିତରେ ଉତ୍ପୀଡନ ଏବଂ ବିକାଶ ବିରୋଧୀ କାର୍ଯ୍ୟକଳାପ ପ୍ରତି ବୀତସ୍ପୃହ ହୋଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛି ବିଜା। ତା'ଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ବାଲିଗୁଡା ଥାନା ଅନ୍ତର୍ଗତ ସରୁଲଇ ନିକଟରେ ଚଢଉ କରି ଜିଲେଟିନ ଷ୍ଟିକ, ବନ୍ଧୁକ, ଖାଦ୍ୟ ସାମଗ୍ରୀ, ପୋଷାକ ସହିତ ବିପୁଳ ମାଓ ସାମଗ୍ରୀ ଜବତ କରିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଦକ୍ଷିଣାଞ୍ଚଳ ଡିଆଇଜି ଡ. ଷଡ଼ଙ୍ଗୀ ଏବଂ କନ୍ଧମାଳ ଏସ୍‌ପିଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛି ଏହି ମାଓ କ୍ୟାଡର। ତାକୁ ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଡିଆଇଜି କହିଛନ୍ତି।

